

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୨୫ ନଭେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 25 NOVEMBER 2023

Vol.No. 34 ■ No. 309■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ରାହୁଲ, ପନୌତି ଓ ପଲିଟିକ୍ସ

ବୟାନ ପାଇଁ ତେହୁଚ୍ଛି ବିବାଦ, ମିଳିଲା ନୋଟିସ, ବଢ଼ିଲା ବିରୋଧ

ନୂଆଦିଲ୍ଲୀ, ୨୪/୧୧ : କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀଙ୍କୁ ମୁଖ୍ୟ ନିର୍ବାଚନ କମିଶନଙ୍କ କାରଣ ଦର୍ଶାଅ ନୋଟିସ ମିଳିବା ପରେ ବିଜେପି ଓ ବିରୋଧୀଙ୍କ ମଧ୍ୟରେ ଜୋରଦାର ହୋଇଛି ବୟାନବାଜୀ । ରାହୁଲଙ୍କୁ କିଏ ଯୋଦ୍ଧା କହିଛି ତ ପୁଣି କିଏ କହିଛି ନିର୍ଭୀକ । ବିଜେପି ବିରୋଧୀ ଦଳ କହିଛନ୍ତି ସଚ୍ଚୋଟତା ପାଇଁ ରାହୁଲଙ୍କୁ ବାରମ୍ବାର ଏଭଳି ସମସ୍ୟା ଦେଇ ଗତି କରିବାକୁ ପଡୁଛି କିନ୍ତୁ ଶେଷରେ ତାଙ୍କର ବିଜୟ ହେବ । ବିଜେପିକୁ ଟାର୍ଗେଟ କରି ରାହୁଲଙ୍କ ମନୋବଳ ବୃଦ୍ଧି କରିଛନ୍ତି ବିଭିନ୍ନ ଦଳ । ଜନସଭାର ପ୍ରଧାନମନ୍ତ୍ରୀଙ୍କୁ ପନୌତି କହି ରାହୁଲ ଅଡୁଆରେ ପଡିଥିବାବେଳେ ସେପଟେ କଂଗ୍ରେସର ନୂଆ ସୋସିଆଲ ମିଡିଆ ପୋଷ୍ଟ ବିବାଦର ନିଆଁରେ ଘିଅ ଢ଼ାଳିଛି । ଦଳର ଗୋଟିଏ ଲେଖା ପୋଷ୍ଟରେ ଦେଖିବାକୁ ମିଳିଛି 'ପନୌତି ଏ ଆଜମ' । ପୁରୁଣା ହିନ୍ଦି ସିନେମା ମୁଗୁଲ ଏ ଆଜମ ପରି ଏକ ଫଟୋ ରହିଛି । ପରଦା ଭିତରୁ ମୋଦୀଙ୍କ ସାମାନ୍ୟ ଝଲକକୁ ସ୍ଥାନ ଦିଆଯାଇଛି ଆଉ ଲେଖାଯାଇଛି 'ପନୌତି ଏ ଆଜମ' । ସେପଟେ ପଂଜାବ ପ୍ରଦେଶ କଂଗ୍ରେସ ସୋସିଆଲ ମିଡିଆରେ ଏକ କାର୍ଟୁନ ପୋଷ୍ଟ କରିଛି । ମୋଦୀଙ୍କ ମୁହଁ ପରି ସାମଞ୍ଜସ୍ୟ ଥିବା ବ୍ୟକ୍ତିକୁ ସ୍ଥାନ ଦିଆଯାଇଛି । ପଛରେ କୋଭିଡ, ଚନ୍ଦ୍ରଯାନ ଟୁ, ବିଶ୍ୱକପ, ବିମୁଦ୍ରାକରଣ ଚିତ୍ର ଦେଖିବାକୁ ମିଳିଛି । ଫଟୋରେ ଲେଖାଯାଇଛି ପନୌତି ତୁମେ କେବେ ଯିବ ? ଘଟଣାକୁ ନେଇ କଂଗ୍ରେସ ଓ ରାହୁଲଙ୍କୁ ନିନ୍ଦା କରିଛି ବିଜେପି । ପ୍ରଥମେ ରାହୁଲଙ୍କ ବୟାନ ଆଉ ଏବେ କଂଗ୍ରେସର ଫଟୋ ପୋଷ୍ଟ । ଆଗକୁ ନିର୍ବାଚନ ଆସୁଥିବା ସମୟରେ କଂଗ୍ରେସ ଓ ଦଳୀୟ ନେତାଙ୍କ ଏଭଳି ବୟାନ ହୁଏତ ସମସ୍ୟା ଆଣିପାରେ । କିଛି ଦିନ ପୂର୍ବରୁ ହିଁ ମୋଦୀ ସାଂଗିଆ ମାମଲାରେ ରାହୁଲଙ୍କୁ ଆଶ୍ୱସ୍ତି ମିଳିଥିଲା । ଏବେ ପନୌତି ପାଇଁ ମିଳିସାରିଛି ଇସିଙ୍କ ନୋଟିସ । ସେପଟେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଉପରେ ଆପତିଜନକ ଟିପ୍ପଣୀ ଦେବାପରେ କଂଗ୍ରେସ ବିରୋଧରେ ବିଜେପିର ଆଗାମୀ ଆଭିମୁଖ୍ୟ କ'ଣ ରହିବ ଏହା ଉପରେ ନଜର ରହିଛି ।

ଆଦିବାସୀଙ୍କ ଜମି ବିକ୍ରି ଅଧିନିୟମ ରଦ୍ଦ: ସଂଶୋଧନର ପୁନର୍ବିଚାର ପାଇଁ ଫେରାଇଲା କ୍ୟାବିନେଟ୍

ଭୁବନେଶ୍ୱର, ୨୪/୧୧ (ନି.ପ୍ର): ରଦ୍ଦ ହେଲା ଆଦିବାସୀ ଜମି ହସ୍ତାନ୍ତର ଅଧିନିୟମ । ବିରୋଧୀଙ୍କ ପ୍ରବଳ ବିରୋଧ ପରେ ଏପରି ନିଷ୍ପତ୍ତି ନେଇଛନ୍ତି ରାଜ୍ୟ କ୍ୟାବିନେଟ୍ । ଏହି ନିଷ୍ପତ୍ତି ପାଇଁ କିଛି ଦିନ ଧରି ବିରୋଧୀଙ୍କ ଟାର୍ଗେଟକୁ ଚାଲି ଆସିଥିବା ରାଜ୍ୟ ସରକାର ଶେଷରେ ଏହାକୁ ପ୍ରଶମିତ କରିବାକୁ ଉଦ୍ୟମ କରିଛନ୍ତି । ଏହି ଅଧିନିୟମକୁ ସଂଶୋଧନ ପାଇଁ ଟ୍ରାଇବାଲ୍ ଆଡଭାଇଜରି କାଉନସିଲ୍ ନିକଟକୁ ପଠା ଯାଇଥିବା ଆଜି ଗୃହରେ ସୂଚନା ଦେଇଛନ୍ତି ସଂସଦୀୟ ବ୍ୟାପାର ମନ୍ତ୍ରୀ । ରାଜ୍ୟ କ୍ୟାବିନେଟ ବୈଠକରେ ନିଆଯାଇଥିବା ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଅନୁଯାୟୀ, ପୁନର୍ବିଚାର ହେବ ଆଦିବାସୀ ଜମି ହସ୍ତାନ୍ତର ଅଧିନିୟମ ସଂଶୋଧନ ନିଷ୍ପତ୍ତି । ପୁନର୍ବିଚାର ତଥା ତର୍ଜମା ପାଇଁ ଏହାକୁ ଆଦିବାସୀ ଉପଦେଷ୍ଟା ପରିଷଦ ନିକଟକୁ ପଠା ଯାଇଥିବା ଗୃହରେ ସୂଚନା ଦେଲେ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ । ବିଧାନସଭାରେ ତାଙ୍କର ଏପରି ଘୋଷଣାରୁ ନଭେମ୍ବର ୧୪ ତାରିଖର ଏସଂକ୍ରାନ୍ତ କ୍ୟାବିନେଟ୍ ? ନିଷ୍ପତ୍ତି ପ୍ରତ୍ୟାହୃତ ହୋଇଛି ବୋଲି ବିଶ୍ୱାସ କରାଯାଉଛି । ତେବେ ମନ୍ତ୍ରୀ ବିଧାନସଭାରେ କାହିଁକି ଏହା ପ୍ରତ୍ୟାହୃତ ହେଲା ବୋଲି କହିଲେନି ତାହା ସନ୍ଦେହଜନକ । ନଭେମ୍ବର ୧୪ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ରେଗୁଲେସନ-୨,୧୯୫୬ର ସଂଶୋଧନ ପ୍ରସ୍ତାବ (ଆଦିବାସୀଙ୍କ ଜମିକୁ କିଣିପାରିବେ ଅଣଆଦିବାସୀ)କୁ ମଞ୍ଜୁରୀ ମିଳିଥିଲା । ଆଦିବାସୀମାନେ ଅଣ ଆଦିବାସୀଙ୍କୁ ଜମି ହସ୍ତାନ୍ତର କରିବା ସହ ଶିକ୍ଷା, ଶିଳ୍ପ ଓ ବ୍ୟବସାୟ ପାଇଁ ବ୍ୟାଙ୍କରେ ଜମିକୁ ବନ୍ଧକ ରଖିପାରିବେ ବୋଲି ପ୍ରସ୍ତାବରେ ଉଲ୍ଲେଖ ଥିଲା । ମାତ୍ର ଏହି ବିବାଦୀୟ ପ୍ରସ୍ତାବକୁ କ୍ୟାବିନେଟ ମୋହର ମାରିବା ଦିନଠାରୁ ହିଁ ବିବାଦ ଆରମ୍ଭ ହୋଇଥିଲା । ବିରୋଧୀ ବିଜେପି ଓ କଂଗ୍ରେସ ସରକାରଙ୍କୁ ଏହି ଆଦିବାସୀ ମାରଣ ନୀତି ଲାଗି କଡ଼ା ଭାଷାରେ ସମାଲୋଚନା କରିଥିଲେ । ଏହାଦ୍ୱାରା ଆଦିବାସୀଙ୍କ ଜମି ସୁରକ୍ଷିତ ରହିବ ନାହିଁ ବରଂ କମ୍ ଦାମରେ ଅନ୍ୟମାନେ ଜମିକୁ ହଡ଼ପ କରିନେବେ ବୋଲି କହିଥିଲେ । ଖାଲି ସେତିକି ନୁହେଁ, ଏହି ସମ୍ପ୍ରଦାୟ ▶▶ପୃଷ୍ଠା ୭

ବନ୍ଧୁକ ମୁନରେ ଛାତ୍ରୀଙ୍କୁ ଅପହରଣ ଉଦ୍ୟମ: ଛେଚା ଖାଇଲେ ଯୁବକ

ଭୋଗରାଇ, ୨୪/୧୧ (ନି.ପ୍ର): ମହଙ୍ଗା ପଡ଼ିଲା ଏକତରଫା ପ୍ରେମ । ବନ୍ଧୁକ ଦେଖାଇ ଛାତ୍ରୀଙ୍କୁ ଅପହରଣ ଉଦ୍ୟମ କରିବା ବେଳେ ଯୁବକଙ୍କୁ ଧରି ନିର୍ଧୂମ ଛେଚିଲେ ସ୍ଥାନୀୟ ଲୋକେ । ପରେ ଯୁବକଙ୍କୁ ପୁଲିସ ଜିମାରେ ଦେଲେ । ଘଟଣା ଘଟିଛି ବାଲେଶ୍ୱର ଜିଲ୍ଲା କମର୍ଦ୍ଦା ଥାନା ଅନ୍ତର୍ଗତ ପୀର ପଡ଼ିଆରେ । ସଂପୃକ୍ତ ଯୁବକ ଜଣକ ହେଲେ ମହାଗୋବ ଅଞ୍ଚଳର ବ୍ରଜ ଗୋପାଳ ଦାସ । ଆଜି କମର୍ଦ୍ଦା ଥାନା ଅନ୍ତର୍ଗତ ପୀର ପଡ଼ିଆରେ ଯୁବ ବିକାଶ କାର୍ଯ୍ୟକ୍ରମ ଅୟୋଜିତ ହେଉଥିଲା । ଏହି କାର୍ଯ୍ୟକ୍ରମରେ ଛାତ୍ରୀ ଜଣଙ୍କ ଯୋଗ ଦେଇଥିଲେ । ବ୍ରଜ ଗୋପାଳ ପଡ଼ିଆରେ ପହଞ୍ଚି ଛାତ୍ରୀ ଜଣଙ୍କୁ ବନ୍ଧୁକ ଦେଖାଇ ଅପହରଣ କରିବା ପାଇଁ ଉଦ୍ୟମ କରିଥିଲେ । ସେଠାରେ ଥିବା ସ୍ଥାନୀୟ ଲୋକେ ବ୍ରଜ ଗୋପାଳକୁ କାବୁ କରି ନିର୍ଧୂମ ଛେଚିଥିଲେ । ପରେ ପୁଲିସ ଜିମାରେ ଦେଇଥିଲେ । ବ୍ରଜ ଗୋପାଳ ଠାରୁ ଗୋଟିଏ ବନ୍ଧୁକ ସହ ୨ଟି ଗୁଳି ଜବତ କରାଯାଇଛି । ଏହା ସହ ପୁଲିସ ଯୁବକଙ୍କୁ ପଚରାଉଚରା କରିବା ସହ ଘଟଣାର ତଦନ୍ତ କରୁଛି । ଏକ ତରଫ ପ୍ରେମ ପାଇଁ ବ୍ରଜ ଗୋପାଳ ଏପରି କରିଥିବା ସୂଚନା ରହିଛି ।

୩୦ଦିନ ବସିଥାନ୍ତା: ମାତ୍ର ୪ଦିନରେ ବନ୍ଦ ହୋଇଗଲା ବିଧାନସଭା

ଭୁବନେଶ୍ୱର, ୨୪/୧୧ (ନି.ପ୍ର): ୨୬ଟି କାର୍ଯ୍ୟଦିବସ ଥାଇ ଆଜି ଅଚାନକ ବିଧାନସଭାର ଶୀତ ଅଧିବେଶନକୁ ବାଚସ୍ପତି ଅନିର୍ଦ୍ଦିଷ୍ଟ କାଳ ପାଇଁ ମୁଲତବୀ ଘୋଷଣା କରିଛନ୍ତି । ଶାସକ ଦଳର ପ୍ରସ୍ତାବ ଆଧାରରେ ବାଚସ୍ପତି ଗୃହକୁ ମୁଲତବୀ କରିଛନ୍ତି । ନଭେମ୍ବର ୨୧ରୁ ଡିସେମ୍ବର ୩୦ତାରିଖ ପର୍ଯ୍ୟନ୍ତ ବିଧାନସଭାର ଶୀତ ଅଧିବେଶନରେ ମୋଟ ୩୦ଟି କାର୍ଯ୍ୟଦିବସ ରହିଥିଲା । ମାତ୍ର ୪ଟି କାର୍ଯ୍ୟଦିବସରେ ଗୃହକୁ ବନ୍ଦ କରିଦେଲେ ସରକାର । ଚଳିତ କ୍ୟାଲେଣ୍ଡର ବର୍ଷରେ ୩ଟି ପର୍ଯ୍ୟାୟରେ ବିଧାନସଭାର ଅଧିବେଶନ ମୋଟ ୩୪ଦିନ ବସିଛି । ଯଦିଓ କ୍ୟାଲେଣ୍ଡର ବର୍ଷରେ ୬୦ଦିନ ବସିବାର ପ୍ରାବଧାନ ରହିଛି । ସୂଚନା ଅନୁସାରେ, ଗୃହରେ ବିଶେଷ କିଛି କାର୍ଯ୍ୟ ନଥିବା ଦର୍ଶାଇ ଶୀତ ଅଧିବେଶନକୁ ମାସେ ୬ଦିନ ପୂର୍ବରୁ (୨୭ଟି କାର୍ଯ୍ୟଦିବସ ଥାଇ) ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ମୁଲତବୀ ରଖିବାକୁ ଶାସକ ଦଳ ପ୍ରସ୍ତାବ ଦେଇଥିଲା । ବିରୋଧୀଙ୍କ ସହ ବିଚାରବିମର୍ଶ ନକରି ଶାସକ ଦଳ ଏକତରଫା ଭାବେ ଗୃହକୁ ବନ୍ଦ କରିଦେଇଛି ବୋଲି ବିରୋଧୀ ସଦସ୍ୟମାନେ ଅଭିଯୋଗ କରିଛନ୍ତି । ଚଳିତ ଅଧିବେଶନରେ ପ୍ରଥମ ଦିନରେ ଉପବାଚସ୍ପତି ନିର୍ବାଚନ ହେବା ପରେ ▶▶ପୃଷ୍ଠା ୭

ଅବକାରୀ ଅଧୀକ୍ଷକଙ୍କ ଘରେ ପଶିଲା ଭିଜିଲାନ୍ସ

ନବରଙ୍ଗପୁର, ୨୪/୧୧ (ନି.ପ୍ର): ଭିଜିଲାନ୍ସ ଜାଲରେ ଅବକାରୀ ସୁପରିଟେଣ୍ଡେଣ୍ଟ । ଆୟ ବହିର୍ଭୁତ ସମ୍ପତ୍ତି ଠୁଳ ଅଭିଯୋଗରେ ନବରଙ୍ଗପୁର ଜିଲ୍ଲା ଅବକାରୀ ବିଭାଗର ସୁପରିଟେଣ୍ଡେଣ୍ଟ ଗଙ୍ଗା ପାଇକରାୟଙ୍କ ଘରେ ଆଜି ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି । ଗଙ୍ଗାଙ୍କ କୋରାପୁଟ ଜିଲ୍ଲା ଜୟପୁର ସ୍ଥିତ ପୈତୃକ ଘରେ, ନବରଙ୍ଗପୁର ସ୍ଥିତ ଡି ଏସ୍-ଥ୍ରୀ ସିନେମା ହଲ ନିକଟରେ ଥିବା ଭଡ଼ା ଘରେ ଓ ଅଫିସ ସମେତ ୪ଟି ସ୍ଥାନରେ ଚଢ଼ାଉ କରାଯାଇଛି । ଏହି ଚଢ଼ାଉ ଭିଜିଲାନ୍ସ ବିଭାଗର ୫ଟିମ୍ ସାମିଲ ହୋଇଛନ୍ତି । ଗଙ୍ଗା ଆୟୁ ବହିର୍ଭୁତ ସମ୍ପତ୍ତି ଠୁଳ କରିଥିବା ଅଭିଯୋଗ ହୋଇଥିଲା । ଭିଜିଲାନ୍ସ ଘଟଣାର ତଦନ୍ତ କରି ଆଜି ସକାଳେ ତାଙ୍କ ଘରେ ଚଢ଼ାଉ କରିଛି ।

ଡିପଫେକରେ ଲାଗିବ ଲଗାମ: ସୋଶାଲ ମିଡିଆରେ ଦେଇ ହେବ ଏଫଆଇଆର

ନୂଆଦିଲ୍ଲୀ, ୨୪/୧୧ : ଡିପଫେକ୍ ଫଟୋ ଭାଇରାଲକୁ ନେଇ ଏବେ ସବୁଠି ଚିନ୍ତା । ଏ ଉପରେ କିପରି ପ୍ରତିବନ୍ଧକ ଲଗାଯାଇ ପାରିବ ସେଥିପାଇଁ କେନ୍ଦ୍ର ସରକାର ଆଣିବାକୁ ଯାଉଛନ୍ତି କଡା ନିୟମ । ଗତକାଲି ଏନେଇ ଏକ ଜରୁରୀ ବୈଠକ ମଧ୍ୟ ବସିଥିଲା । ଖୁବ୍ ଶୀଘ୍ର ଡିପଫେକ୍ ଫଟୋ ଓ ଭିଡିଓର ଯାଞ୍ଚ ପାଇଁ କେନ୍ଦ୍ର ଜଣେ ଅଧିକାରୀଙ୍କୁ ନିଯୁକ୍ତ କରିବାକୁ ଯାଉଛି । ଏନେଇ ଆଜି କେନ୍ଦ୍ର ପ୍ରଯୁକ୍ତିବିଦ୍ୟା ରାଷ୍ଟ୍ର ମନ୍ତ୍ରୀ ରାଜୀବ ଚନ୍ଦ୍ରଶେଖର ସୂଚନା ଦେଇଛନ୍ତି । ସେ କହିଛନ୍ତି, ଆଗକୁ ଇଲେକ୍ଟ୍ରୋନିକ୍ସ ଏବଂ ସୂଚନା ପ୍ରଯୁକ୍ତିବିଦ୍ୟା ମନ୍ତ୍ରଣାଳୟ ଏକ ୱେବସାଇଟ୍ ବିକଶିତ କରିବାକୁ ଯାଉଛି, ଯେଉଁଥିରେ ଉପଭୋକ୍ତାମାନେ ସୋଶାଲ ମିଡିଆ ▶▶ପୃଷ୍ଠା ୭

ପୂଜକ-ପ୍ରଶାସନ ମୁହାଁମୁହିଁ: ବାବା ଧବଳେଶ୍ୱରଙ୍କୁ ଦର୍ଶନ କରିପାରିଲେନି ଶ୍ରଦ୍ଧାଳୁ

ଭୁବନେଶ୍ୱର, ୨୪/୧୧ (ନି.ପ୍ର): ଆଜି ହେଉଛି ମହା କାର୍ତ୍ତିକର ଦ୍ୱିତୀୟ ପଞ୍ଚକ । କେତେ ଆଶା ଓ ବିଶ୍ୱାସ ନେଇ ଧାଇଁ ଯାଇଥିଲେ ଶ୍ରଦ୍ଧାଳୁ । ଭାବିଥିଲେ ବାବା ଧବଳେଶ୍ୱରଙ୍କୁ ଦର୍ଶନ କରି ଆଶୀର୍ବାଦ ନେବେ । ହେଲେ ବାବାଙ୍କ ଦର୍ଶନ କରିପାରିଲେ ନାହିଁ ହଜାର ହଜାର ଶ୍ରଦ୍ଧାଳୁ । ପୂଜକ ଓ ପ୍ରଶାସନ ବିବାଦ ଯୋଗୁ ବାବା ଧବଳେଶ୍ୱରଙ୍କୁ ଦର୍ଶନ କରିପାରିଲେନି ଶ୍ରଦ୍ଧାଳୁ । ଆଜି ହେଉଛି ମହା କାର୍ତ୍ତିକ ମାସର ଦ୍ୱିତୀୟ ପଞ୍ଚକ । ରାତି ୩ଟାରୁ ପ୍ରଭୁ ଧବଳେଶ୍ୱରଙ୍କର ସମସ୍ତ ନୀତିକନ୍ତି ସରିଥିଲା । ତା'ପରେ ଦର୍ଶନ ନିମନ୍ତେ ଦ୍ୱାର ଫିଟା ଯାଇଥିଲା । ସକାଳୁ ସକାଳୁ ▶▶ପୃଷ୍ଠା ୭

ଇଞ୍ଜିନିୟର ଜଗଦୀଶ ମିଶ୍ରଙ୍କ ଲିଖିତ ପୁସ୍ତକ 'କଥା ସେଦିନର' ଉନ୍ମୋଚିତ

ବାଲେଶ୍ୱର, ୨୪/୧୧ (ନି.ପ୍ର): ବାଲେଶ୍ୱରରୁ ପ୍ରକାଶିତ ସାପ୍ତାହିକ ସମ୍ବାଦପତ୍ର ଅଭିନନ୍ଦନ ର ସମ୍ପାଦକ ଇଂଜିନିର ଜଗଦୀଶ ମିଶ୍ରଙ୍କ ଲିଖିତ ଗଳ୍ପ ସଙ୍କଳନ ଆଜି ଉନ୍ମୋଚିତ ହୋଇଯାଇଛି । ଡକ୍ଟର ପ୍ରଦୀପ ମିଶ୍ରଙ୍କ ପୌରହିତ୍ୟ ରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ରେବତୀ ପତ୍ରିକାର ସମ୍ପାଦିକା ତଥା ରାଜ୍ୟ ବିଜୁଜନତା ଡାକରା ମହିଳା କାର୍ଯ୍ୟକାରୀ ସଭାପତି ସୁବାସିନି ଜେନା, ମୁଖ୍ୟବକ୍ତା ଭାବେ ଫକୀର ମୋହନ ସାହିତ୍ୟ ପରିଷଦ ର ସଭାପତି ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ, ପ୍ରଫେସର ଦେବାଶିଷ ପାତ୍ର, ଧ୍ୱନିପ୍ରତିଧ୍ୱନି ର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ସମାଲୋଚକ ଡକ୍ଟର ଶିରିସ ଜେନା, ଜୁଗଶ୍ରୀ ଯୁଗନାରୀ ର ସମ୍ପାଦିକା ମମତା ମହାପାତ୍ର, ପ୍ରଫେସର କମଳାକାନ୍ତ ଜେନା ଯୋଗଦେଇଥିଲେ । ଲେଖକ ଶ୍ରୀ ମିଶ୍ର ପୁସ୍ତକ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଏହା ପୂର୍ବରୁ ଆଜି ସକାଳେ ଶ୍ରୀ ମିଶ୍ରଙ୍କ ସୃଷ୍ଟି ବିଶ୍ୱ କଲ୍ୟାଣ ସଂସ୍ଥାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହେବା ସହିତ ତାଙ୍କ ପିତା ଡକ୍ଟର ଅଜୟ ମିଶ୍ରଙ୍କ ଜନମ ଦିନ ଅବସରରେ ଦୀନ ଦରିଦ୍ର ଓ ନିଶହାୟ ଲୋକଙ୍କୁ ଖାଦ୍ୟ ବସ୍ତ୍ର ଦାନ କରାଯାଇଥିବା ବେଳେ ବିଶ୍ୱ ର ଶାନ୍ତି ପାଇଁ ପୂଜା ଓ ଯଜ୍ଞ ଆଦି ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବ କୁ ଅଭିନନ୍ଦନ ପରିବାରର ସଦସ୍ୟ ସଦସ୍ୟା ମାନେ ପରିଚାଳନା କରିଥିଲେ ।

ହିଣ୍ଡେନବର୍ଗ କେସରେ ସୁପ୍ରିମକୋର୍ଟଙ୍କ ପ୍ରଶ୍ନ: ଆଦାନି ଗ୍ରୁପ ବିରୋଧରେ କ'ଣ ପ୍ରମାଣ ରହିଛି ?



ନୂଆଦିଲ୍ଲୀ, ୨୪/୧୧ : ଆଦାନି ଗ୍ରୁପର ହେରଫେର ସମ୍ପର୍କରେ ରିପୋର୍ଟ ପ୍ରକାଶ କରିଥିବା ହିଣ୍ଡେନବର୍ଗ ମାମଲାରେ ଆଜି ବଡ଼ ବଡ଼ ପ୍ରଶ୍ନ ପଚାରିଛନ୍ତି ସୁପ୍ରିମକୋର୍ଟ । ହିଣ୍ଡେନବର୍ଗ ରିପୋର୍ଟ ଆଧାରରେ ଆଦାନି ଗ୍ରୁପ ବିରୋଧରେ ଏକାଧିକ ପିଟିସନ ସୁପ୍ରିମକୋର୍ଟରେ ଦାଖଲ କରାଯାଇଛି । ଆଜି ଏ ସଂକ୍ରାନ୍ତ ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ ଆବେଦକାରୀଙ୍କୁ ପ୍ରଶ୍ନବାଣରେ ଘାଇଲା କରିଛନ୍ତି । ଆବେଦକାରୀ ପ୍ରଶାନ୍ତ ଭୂଷଣଙ୍କୁ ପ୍ରଧାନ ବିଚାରପତି ଜଷ୍ଟିସ ଡିୱାଇ ଚନ୍ଦ୍ରଚୂଡ଼ ପ୍ରଶ୍ନ କରିଛନ୍ତି ଯେ "ଆମେ କାହିଁକି ବିଦେଶୀ ରିପୋର୍ଟକୁ ସତ ବୋଲି ମାନିବୁ ? ଆମେ ରିପୋର୍ଟକୁ ରିଜେକ୍ଟ କରୁନାହୁଁ । କିନ୍ତୁ ଆମେ ପ୍ରମାଣ ଚାହୁଁ । ଆଦାନି ଗ୍ରୁପ ବିରୋଧରେ ଆପଣଙ୍କ ପାଖରେ କି ପ୍ରକାରର ପ୍ରମାଣ ରହିଛି ? ଗୋଟିଏ ପବ୍ଲିକେସନକୁ କେବେ ହେଲେ ସତ୍ୟ ଭାବେ ବିବେଚନା କରାଯାଇ ପାରିବ ନାହିଁ ।" ହିଣ୍ଡେନବର୍ଗ ପକ୍ଷରୁ ବିସ୍ତୃତ ଯାଞ୍ଚ କରାଯାଇ ଆଦାନି ଗ୍ରୁପ କେମିତି ନିଜ ଶେୟାରର ମୂଲ୍ୟ ବୃଦ୍ଧି କରିଥିଲା ଓ ବିଭିନ୍ନ ଅନିୟମିତତା କରିଥିଲା ବୋଲି ରିପୋର୍ଟ ପ୍ରକାଶ କରିଥିଲା । ଏହାକୁ ନେଇ ରାଜନୀତିକ ହଟଚମଟ ମଧ୍ୟ ଦେଖିବାକୁ ମିଳିଥିଲା । ତେବେ ଆଦାନି ଗ୍ରୁପ ଏହାକୁ ଅଗ୍ରାହ୍ୟ କରିଥିଲା । ସେବି ମଧ୍ୟ ହିଣ୍ଡେନବର୍ଗ ରିପୋର୍ଟକୁ ଗ୍ରହଣ କରିନାହିଁ । ସେବି ପାଇଁ ଯୁକ୍ତି ରଖୁଥିବା ସଲିସିଟର ଜେନେରାଲ ତୁଷାର ମେହେଟା କହିଛନ୍ତି, "ଆମେ ଯଦି ଏପରି ରିପୋର୍ଟ ଉପରେ ପଦକ୍ଷେପ ନେବୁ, ତା'ହେଲେ ଆମ ଏଜେନ୍ସିଗୁଡ଼ିକ କ'ଣ କରିବେ ? ବିଦେଶୀ ରିପୋର୍ଟରେ ଭାରତୀୟ ନୀତି ଉପରେ ପ୍ରଭାବ ପକାଇବା ପାଇଁ ଏବେ ଗୋଟିଏ ନୂଆ ଟ୍ରେଣ୍ଡ ଆରମ୍ଭ ହୋଇଛି । ତଦନ୍ତ ବେଳେ ସେବି ଓସିସିଆରପି ସହ ଯୋଗାଯୋଗ କରିଥିଲା । ତେବେ ଅଧିକ ତଥ୍ୟ ପାଇଁ ସେମାନେ ପ୍ରଶାନ୍ତ ଭୂଷଣଙ୍କ ଦ୍ୱାରା ପରିଚାଳିତ ଏନଜିଓ ସହ ଯୋଗାଯୋଗ କରିବାକୁ କହିଛନ୍ତି । ଏହି ତଥାକଥିତ ଜନସ୍ୱାର୍ଥ ମାମଲା ପାଇଁ ଆପଣ(ପ୍ରଶାନ୍ତ ଭୂଷଣ) ହାଜର ହୋଇଛନ୍ତି । କିଛି ରିପୋର୍ଟ ପ୍ରସ୍ତୁତ କରିଛନ୍ତି ଓ ▶▶ପୃଷ୍ଠା ୭

ଜିଲ୍ଲା ବରିଷ୍ଠ ନାଗରିକ ମଂଚର ସାଧାରଣ ପରିଷଦ ବୈଠକ ଓ କର୍ମକର୍ତ୍ତା ନିର୍ବାଚନ

ବଲାଙ୍ଗିର, ୨୩/୧୧ (ନି.ପ୍ର): ଜିଲ୍ଲାର ସର୍ବ ବୃହତ, ପୁରାତନ ତଥା ଅଗ୍ରଣୀ ଜିଲ୍ଲା ବରିଷ୍ଠ ନାଗରିକ ମଂଚର ସାଧାରଣ ପରିଷଦ ବୈଠକ ତଥା କର୍ମକର୍ତା ନିର୍ବାଚନ ରାଧାକୃଷ୍ଣ ମନ୍ଦିର, ପଲ୍ଲିଶ୍ରୀ ବିହାର, ସଦାଇପାଲି ଠାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷତା କରିଥିଲେ ସଭାପତି ପ୍ରଭାକର ମିଶ୍ର । ସଂପାଦକୀୟ ବିବରଣୀ ଉପସ୍ଥାପନ କରିଥିଲେ ସାଧାରଣ ସଂପାଦକ ମନୋରଂଜନ ମିଶ୍ର ଓ ଆୟବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ କୋଷାଧ୍ୟକ୍ଷ ନରେନ୍ଦ୍ର କବାଟ । ମଂଚର କାର୍ଯ୍ୟକାଳ ସମାପ୍ତ ହେବା ପୂର୍ବରୁ ଆସନ୍ତା ଦୁଇ ବର୍ଷ ପାଇଁ କର୍ମକର୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଉପଦେଷ୍ଟା ସୁଧାଂଶୁ ଶେଖର ଦର୍ଜୀ, ଚାରିଜଣ ଉପଦେଷ୍ଟା ପଦ୍ମଚରଣ ଆଚାର୍ଯ୍ୟ, ବାସୁଦେବ ମେହେର, ଧନଞ୍ଜୟ ମିଶ୍ର ଓ ଦୁର୍ଗା ପ୍ରସାଦ ହୋତା, ସଭାପତି ନାରାୟଣ ପାଢୀ, ଉପ-ସଭାପତି ଇଂ. ପ୍ରଫୁଲ୍ଲ କୁମାର ସାହୁ ଓ ଇଂ. ହରେକୃଷ୍ଣ ମେହେର, ସାଧାରଣ ସଂପାଦକ ଅଶୋକ କୁମାର ଚାନ୍ଦ, ଅତିରିକ୍ତ ସାଧାରଣ ସଂପାଦକ ନୀଳାଂଚଳ ଚିରଗୁନ, ଯୁଗ୍ମ ସଂପାଦକ ଚୁଡେନ୍ଦ୍ର କୁମାର ବେହେରା ଓ ଗୌର ଚନ୍ଦ୍ର ପୁରୋହିତ, ସଂଗଠନ ସଂପାଦକ ବିନୟ କୁମାର ମିଶ୍ର, କାର୍ଯ୍ୟାଳୟ ସଂପାଦକ ସୁରେନ୍ଦ୍ର ନେଗୀ, କୋଷାଧ୍ୟକ୍ଷ ନରେନ୍ଦ୍ର କବାଟ, ୧୬ ଜଣ କାର୍ଯ୍ୟକାରୀ ସଦସ୍ୟ କପିଳେଶ୍ୱର ଖମାରୀ, ବୃଷକେତୁ ସାହୁ, ମଲିଆ ଗଡୁଆ, ଡା. ଗୋପାଳ କୃଷ୍ଣ ମିଶ୍ର, ଆଡଭୋକେଟ ଅଶୋକ କୁମାର ମିଶ୍ର, ଗଜେନ୍ଦ୍ର ତ୍ରିଭୁବନ ଦାସ ଭମର, ନବୀନ କୁମାର ନନ୍ଦ, ପ୍ରମୋଦ ରଂଜନ ପାଣ୍ଡିଆ, ଆର୍ତତ୍ରାଣ ମିଶ୍ର, ପୂର୍ଣ୍ଣଚନ୍ଦ୍ର ମେହେର, ପ୍ରମୋଦ କୁମାର ଗୁରୁ, ପ୍ରଦୀପ କୁମାର ଶତପଥି, ଛାୟାକାନ୍ତ ସାହୁ, ସନାତନ ଠାକୁର, ପ୍ରଦ୍ୟୁମ୍ନ ଗଡତ୍ୟା ଓ ସନାତନ ରାଉତ ସର୍ବ ସମ୍ମତିକ୍ରମେ ନିର୍ବାଚନ କମିଟି ଦ୍ୱାରା ନିର୍ବାଚିତ ହୋଇଥିଲେ । ଏହି ନିର୍ବାଚନକୁ ନିର୍ବାଚନ ଅଧିକାରୀ ଭାବରେ ଶ୍ରୀକାନ୍ତ ପାଣିଗ୍ରାହୀ ଓ ସଭ୍ୟ ଭାବେ ଜୟକୃଷ୍ଣ ସାହୁ, ଅଗସ୍ତୀ ବାରିକ, ବିଶ୍ୱନାଥ ତ୍ରିପାଠୀ ପରିଚାଳନା କରିଥିଲେ । ସାଧାରଣ ପରିଷଦ ବୈଠକର ସମସ୍ତ ଖର୍ଚ୍ଚ ବିରଞ୍ଚି ହୋତା ବହନ କରିଥିବାରୁ ଉପସ୍ଥିତ ସମସ୍ତ ସଦସ୍ୟ କୃତଜ୍ଞତା ତଥା ଧନ୍ୟବାଦ ଦେଇଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା ତଥା ଧନ୍ୟବାଦ ଅର୍ପଣ କରିଥିଲେ ସୁନିଲ ଚନ୍ଦ୍ର ବିଶ୍ୱାଲ ।

କନ୍ଧମାଳ ଜିଲ୍ଲାସ୍ତରୀୟ ବିଶ୍ୱ ମତ୍ସ୍ୟ ଦିବସ ପାଳିତ

କନ୍ଧମାଳ, ୨୩/୧୧ (ନି.ପ୍ର): ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲା ମତ୍ସ୍ୟ ବିଭାଗ ପକ୍ଷରୁ ବିଶ୍ୱ ମତ୍ସ୍ୟ ଦିବସ-୨୦୨୩ ମାନନୀୟ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁଶ୍ରୀ ନନ୍ଦିନୀ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଗତକାଲି ଅନୁଷ୍ଠିତ ହୋଇଯାଇଛି । କନ୍ଧମାଳ ଜିଲ୍ଲାର ସମସ୍ତ ମତ୍ସ୍ୟ ଚାଷୀ ଅଧିକରୁ ଅଧିକ ମାଛ ଚାଷ କରି ବିଭାଗୀୟ ଯୋଜନା ଗୁଡ଼ିକରୁ ଲାଭ ଉଠାଇବା ପାଇଁ ସୁଶ୍ରୀ ମଲ୍ଲିକ ଆହ୍ୱାନ ଦେଇଥିଲେ । ଏହି ଉପଲକ୍ଷେ ଆୟୋଜିତ ବୈଠକରେ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ତାଙ୍କ ବିଭାଗର ଯୋଜନାଗୁଡ଼ିକ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଉପ-ମତ୍ସ୍ୟ ନିର୍ଦ୍ଦେଶକ(ଗଞ୍ଜାମ ଅଞ୍ଚଳ)ମାଛ ଚାଷୀମାନଙ୍କୁ ମାଛ ଚାଷ ଉପରେ ସମ୍ୟକ ଧାରଣା ଦେବା ସହିତ ସେମାନେ ଦୁନିଆକୁ ପଷ୍ଟିକର ଆହାର ଯୋଗାଉଛନ୍ତି ବୋଲି କହିଥିଲେ । ସେହିପରି, ଜଳଛାୟା ବିଭାଗର ପ୍ରକଳ୍ପ ନିର୍ଦ୍ଦେଶକ କ୍ଷେତ ପୋଖରୀରେ ମତ୍ସ୍ୟ ବିଭାଗ ସହାୟତାରେ ମାଛ ଚାଷକୁ ଗୁରୁତ୍ୱ ଦିଆଯାଉଛି ବୋଲି କହିବା ସହିତ ଚାଷୀମାନଙ୍କୁ ଉତ୍ସାହିତ କରିଥିଲେ । ଏହି ଦିବସ ପାଳନ ଅବସରରେ, ୨ଜଣ ସଫଳ ମତ୍ସ୍ୟ ଚାଷୀଙ୍କୁ ଓ ଗୋଟିଏ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ପୁରସ୍କୃତ କରାଯାଇଥିବାବେଳେ ୧୦ ଜଣ ମତ୍ସ୍ୟ ଚାଷୀଙ୍କୁ ଜଳର ମାନ ପରୀକ୍ଷଣ ପାଇଁ ଟେଷ୍ଟିଂ କିଟ୍ ପ୍ରଦାନ କରାଯାଇଥିଲା । ଜିଲ୍ଲା ମତ୍ସ୍ୟ ଅଧିକାରୀ ତାଙ୍କର ପ୍ରାରମ୍ଭିକ ସମ୍ଭାଷଣରେ ଏହି ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଅବଗତ କରାଇଥିଲେ । ସେହିପରି, ସହକାରୀ ମତ୍ସ୍ୟ ଅଧିକାରୀ, କନ୍ଧମାଳ ମତ୍ସ୍ୟ ବିଭାଗର ବିଭିନ୍ନ ଯୋଜନାଗୁଡ଼ିକ ସମ୍ପର୍କରେ ଆଲୋଚନା କରିଥିଲେ । ଜିଲ୍ଲା ମତ୍ସ୍ୟ ଅଧିକାରୀ ସଭା ପରିଚାଳନା କରିଥିବାବେଳେ, ସହକାରୀ ମତ୍ସ୍ୟ ଅଧିକାରୀ, କେ. ନୂଆଗାଁ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ ବୈଠକରେ, ଜିଲ୍ଲାର ସମସ୍ତ ବ୍ଲକର ସହକାରୀ ମତ୍ସ୍ୟ ଅଧିକାରୀ,୧୨ ଗୋଟି ବ୍ଲକରୁ ୭୫ ଜଣ ମତ୍ସ୍ୟ ଚାଷୀ, ମତ୍ସ୍ୟ ଉଦ୍ୟୋଗୀ, ମାଛ ଯାଆଁଳ ଉତ୍ପାଦନକାରୀ, ପ୍ରାଥମିକ ମତ୍ସ୍ୟ ସମବାୟ ସମିତିର ସଦସ୍ୟ ଏବଂ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନେ ଯୋଗଦେଇଥିଲେ ।

ପୋଖରୀରେ ବୁଡି ନାବାଳିକା ମୃତ

ଚମ୍ପୁଆ, ୨୩/୧୧ (ନି.ପ୍ର): ଚମ୍ପୁଆ ବ୍ଲକ୍ ଅନ୍ତର୍ଗତ ଭୂଇଁପୁର ପଂଚାୟତ ଭୋଦପଶି ଗ୍ରାମରେ ପୋଖରୀରେ ବୁଡି ଜଣେ ନାବାଳିକାର ମୃତ୍ୟୁ ଘଟିଥିବା ଜଣାପଡିଛି । ମୃତ ନାବାଳିକାଙ୍କ ନାମ ଅଙ୍କିତା ମହାନ୍ତ, ବୟସ ୯ ବର୍ଷ । ମିଳିଥିବା ସୂଚନା ଅନୁଯାୟୀ, ଯୋଡ଼ା ଥାନା ଅନ୍ତର୍ଗତ କୁଲଡୁମ ଗ୍ରାମର ଭଗବାନ ମହାନ୍ତଙ୍କ ଝିଅ ଅଙ୍କିତା ମହାନ୍ତ ଭୋଦପଶି ଗ୍ରାମରେ ନିଜ ମାମୁଁ ଘରେ ରହି ପାଠ ପଢୁଥିଲେ । ଆଜି ସକାଳେ ତାଙ୍କ ଅଜା, ଆଇ ବିଲକୁ ଯାଇ ଥିବାବେଳେ ଅଙ୍କିତା ଘର ନିକଟସ୍ଥ ପୋଖରୀକୁ ଗାଧୋଇବାକୁ ଯାଇ ବୁଡି ଯାଇଥିଲେ । ଅଜା, ଆଇ ବିଲ କାମ ରୁ ଫେରି ଅଙ୍କିତାଙ୍କୁ ଖୋଜି ଥିଲେ । ବିଭିନ୍ନ ସ୍ଥାନରେ ଖୋଜା ଖୋଜି କରିବା ପରେ ପୋଖୋରିରୁ ଅଙ୍କିତାଙ୍କୁ ଉଦ୍ଧାର କରି ସଙ୍ଗେ ସଙ୍ଗେ ଭଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଥିଲେ । ମାତ୍ର ସେଠାରେ ଡାକ୍ତର ଅଙ୍କିତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇ ବାରିଆ ପୋଲିସ ଭଣ୍ଡା ଡାକ୍ତରଖାନାରେ ପହଂଚି ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇ ଘଟଣାର ତଦନ୍ତ ଆରମ୍ଭ କରିଛି ।

ଲକ୍ଷ୍ମୀନାରାୟଣ ବେଶରେ ଦର୍ଶନ ଦେଲେ ଶ୍ରୀଜୀଉ

ପୁରୀ, ୨୩/୧୧ (ନି.ପ୍ର): ଆଜିଠାରୁ କାର୍ତ୍ତିକ ପଂଚକବ୍ରତ ଆରମ୍ଭ ହୋଇଛି । ଏଥିପାଇଁ ଶ୍ରୀମନ୍ଦିରରେ ହବିଷ୍ୟାଳିଙ୍କ ଭିଡ ଲାଗି ରହିଛି । ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ଲକ୍ଷ୍ମୀନାରାୟଣ ବେଶ ଅନୁଷ୍ଠିତ ହୋଇଛି । ପଂଚୁକ ୫ ଦିନ ଯାକ ପୁରୀ ବଡ଼ଦାଣ୍ଡରେ ଶ୍ରୀମନ୍ଦିରରୁ ମରଚିକୋଟ ଛକ ପର୍ଯ୍ୟନ୍ତ ସମସ୍ତ ଉଠା ଦୋକାନ ବନ୍ଦ ରହିଛି । ମାର୍କେଟ ଛକରୁ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ନିଷିଦ୍ଧ କରାଯାଇଛି । ମରଚିକୋଟ ଛକରୁ ସିଂହଦ୍ୱାର ପର୍ଯ୍ୟନ୍ତ ପାଦଚଲା ରାସ୍ତାରେ ଶ୍ରଦ୍ଧାଳୁ ଚାଲି ଚାଲି ଯାଉଛନ୍ତି । ବିଶେଷ କରି ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଓ ଭିଡ଼ ନିୟନ୍ତ୍ରଣ ପାଇଁ ପ୍ରଶାସନ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଇଛି । ମରଚିକୋଟ ଛକ ପର୍ଯ୍ୟନ୍ତ ବ୍ୟାରିକେଟ କରାଯାଇଛି । ପୁରୀ ଜିଲ୍ଲାପାଳ ସମର୍ଥ ବର୍ମା କହିଛନ୍ତି ଯେ, ଭିଡ଼ ନିୟନ୍ତ୍ରଣ ପାଇଁ ତିନୋଟି ସିଫ୍ଟରେ ସ୍ୱେଚ୍ଛାସେବୀ ନିୟୋଜିତ ହୋଇଛନ୍ତି । ଭକ୍ତଙ୍କ ସୁବିଧା ପାଇଁ ବଡଦାଣ୍ଡର ଦୁଇ ପାର୍ଶ୍ୱରେ ଅସ୍ଥାୟୀ ଶୌଚାଳୟ କରାଯାଇଛି । ପ୍ରତି ସେଡରେ ବିଶୁଦ୍ଧ ପାନୀୟ ଜଳର ବ୍ୟବସ୍ଥା କରାଯାଇଛି । ଭିଡ଼ ନିୟନ୍ତ୍ରଣ ଓ ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ପଂଚୁକରେ ଚାଳିଶ ପ୍ଲାଟୁନ୍ ଫୋର୍ସ ମୃତୟନ କରାଯାଇଛି । ଅନ୍ୟପକ୍ଷରେ ଆଜି ମଧ୍ୟ ଶ୍ରୀମନ୍ଦିରେରେ ଶ୍ରଦ୍ଧାଳୁଙ୍କ ଭିଡ଼ ପରିଲକ୍ଷିତ ହୋଇଛି । ଶ୍ରୀଜୀଉଙ୍କୁ ଦର୍ଶନ ପାଇଁ ଶ୍ରଦ୍ଧାଳୁମାନେ ଘଂଟା ଘଂଟା ଧରି ଧାଡିରେ ଅପେକ୍ଷା କରିବାକୁ ପଡୁଥିବା ଦେଖିବାକୁ ମିଳୁଛି । ପଂଚୁକ ପାଂଚ ଦିନ ହବିଷ୍ୟ ପାଳନ ପାଇଁ ଅଧିକ ସଂଖ୍ୟକ ହବିଷ୍ୟାଳୀ ପୁରୀରେ ପହଂଚିଛନ୍ତି ।

ଜାତୀୟ ସବ୍ ଜୁନିୟର ବ୍ୟାଡମିଂଟନ ଚମ୍ପିୟାନସିପର ଦ୍ୱିତୀୟ ଦିନ

■ବାଳକ ବର୍ଗରେ ପୁଷ୍କର, ସୌର୍ଯ୍ୟ, ଦିବ୍ୟାଂଶ, ଆଦିତ୍ୟ, ଯତିନ୍

■ବାଳିକାରେ ସାଇନା, ଧାନ୍ୟା, ଲକ୍ଷ୍ମୀ, ଅଗ୍ରୀମା, ଅବ୍ନି ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ

ବଲାଙ୍ଗିର, ୨୩/୧୧ (ନି.ପ୍ର): ୩୫ତମ ଜାତୀୟ ସବ୍ ଜୁନିୟର ବ୍ୟାଡ୍ମିଂଟନ ଚମ୍ପିୟାନସିପ୍ର ଦ୍ୱିତୀୟ ଦିନ ବୁଧବାର ସ୍ଥାନୀୟ ପୃଥ୍ୱୀରାଜ ହାଇସ୍କୁଲ ଇନଡୋର ଷ୍ଟାଡିୟମଠାରେ ଚିତାକର୍ଷକ ବ୍ୟାଡମିଂଟନ ଖେଳ ଦେଖିବାକୁ ମିଳିଛି । ବୁଧବାର ସକାଳୁ ୧୩ ବର୍ଷରୁ କମ୍ ବର୍ଗ ବାଳକ ଏବଂ ବାଳିକା ବିଭାଗ ଖେଳ ଆରମ୍ଭ ହୋଇଥିଲା । ବାଳକ ବର୍ଗରେ ଟସ୍ସିଟରେ କର୍ଣ୍ଣାଟକର ପୁଷ୍କର ସାଏ ୨୧-୧୩ ଓ ୨୧-୧୪ ସେଟ୍ରେ ତାମିଳନାଡୁର ଦକ୍ଷଣ ଏସ୍ଏଲଙ୍କୁ ପରାସ୍ତ କରି ପରବର୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଥିଲେ । ସୌର୍ଯ୍ୟ ଯାଦବ ୨୨-୨୦ ଓ ୨୧-୧୫ ସେଟ୍ରେ ରାଜସ୍ଥାନର ସ୍ତୁଭିକ୍ ଅଗ୍ରୱାଲଙ୍କୁ ପରାସ୍ତ କରିଥିଲେ । ସେହିପରି ଉତରପ୍ରଦେଶର ଦିବ୍ୟାଂଶ ସିଂ, ମହାରାଷ୍ଟ୍ରର ଆତିଦ୍ୟ ୟାଉଲ, ହରିଆଣାର ଯତିନ୍ କୁମାର, ପଶ୍ଚିମବଙ୍ଗର ସ୍ୱୟଂଦ୍ୟୁତି ଘୋଷ, ଆସାମର ଅର୍ନବ ଚୁତିଆ, ମଧ୍ୟପ୍ରଦେଶର ପାର୍ଥ ଶର୍ମା, ତାମିଳନାଡୁର ଦଶ୍ୱନ୍ତ, ହରିଆଣାର ଆର୍ଯ୍ୟାନ୍ ଡାଙ୍ଗୀ ଓ ଅନ୍ୟମାନେ ନିଜ ନିଜ ପ୍ରତିଦ୍ୱନ୍ଦୀ ଖେଳାଳୀଙ୍କୁ ପରାସ୍ତ କରି ପରବର୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି । ବାଳିକା ବର୍ଗର କର୍ନାଟକର ସାଇନା ମଣିମୁଥୁ ୨୧-୧୧ ଓ ୨୧-୧୦ ସେଟ୍ରେ ଆସାମର ଆରାଧା ବୁରାଗୋହାଁଇଙ୍କୁ ପରାସ୍ତ କରି ପରବର୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି । ତାମିଲନାଡୁର ଧାନ୍ୟା ଏସ୍ଟୁ ୨୧-୧୦ ଓ ୨୧-୧୬ ସେଟ୍ରେ ମହାରାଷ୍ଟ୍ରର ସୋୟାରା ସେଲାରଙ୍କୁ ପରାସ୍ତ କରିଥିଲେ । ଓଡିଶାର ତନ୍ମି ପତ୍ରୀ ୨୧-୧୦ ଓ ୨୧-୧୦ ସେଟ୍ରେ ତ୍ରିପୁରାର ଦେ ଅଦ୍ରିଜାଙ୍କୁ ପରାସ୍ତ କରି ପରବର୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି । ଅନ୍ୟମାନଙ୍କ ମଧ୍ୟରେ ଆନ୍ଧ୍ରପ୍ରଦେଶର ଲକ୍ଷ୍ମୀ ସାଏ ଆରାଧା ରାଚାପୁଡି, ଉତରପ୍ରଦେଶର ଅଗ୍ରୀମା ସିଂ, ତେଲେଙ୍ଗାନାର ଅବନି ବିକ୍ରମ ଗୋବିନ୍ଦ, ଗୁଜୁରାଟର ଆର୍ଶିଆ, ହରିଆଣାର ଜୁଏଲ ରାଣା, ପଶ୍ଚିମବଙ୍ଗର ଆର୍ଯ୍ୟାମା ଚକ୍ରବର୍ତୀ, ଆସାମର ଶୁଭଶ୍ରୀ ସ୍ମିତା ବରୁଆଠି, ମହାରାଷ୍ଟ୍ରର ସରଜୁ ରଞ୍ଜନେ, ତାମିଳନାଡୁର ୟାଝିନି ଏସ୍କେ, କର୍ଣ୍ଣାଟକର କୀର୍ତି ବାଲାଜୀ, ପଞ୍ଜାବର ମେହବିଶ୍ କୌର ଓ ଅନ୍ୟମାନେ ନିଜ ନିଜର ପ୍ରତିଦ୍ୱନ୍ଦ୍ୱୀଙ୍କୁ ପରାସ୍ତ କରି ପରବର୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଛନ୍ତି । ଖବର ଲେଖା ହେବା ପର୍ଯ୍ୟନ୍ତ ଦ୍ୱିତୀୟ ଦିନର ବିଭିନ୍ନ ରାଉଣ୍ଡ ଖେଳ ଜାରି ରହିଛି । ଗୁରୁବାର ତୃତୀୟ ଦିନରେ ପରବର୍ତୀ ରାଉଣ୍ଡକୁ ଉନ୍ନୀତ ଖେଳାଳୀଙ୍କ ମଧ୍ୟରେ ଟକ୍କର ହେବ । ଦ୍ୱିତୀୟ ଦିନରେ ବିଭିନ୍ନ ପ୍ରଦେଶର ପ୍ରତିଭାବାନ୍ ଖେଳାଳୀମାନେ ପ୍ରତିପକ୍ଷ ଖେଳାଳୀଙ୍କୁ କଡା ଟକ୍କର ଦେଇଥିଲେ । ଏହି ଜାତୀୟ ଚମ୍ପିଆନ୍ସିପ୍ରେ ଭାରତୀୟ ବ୍ୟାଡ ମିଂଟନ ସଂଘ ଉପସଭାପତି ଏସ୍. ମୁରଲୀଧରଣ, ଆନ୍ତର୍ଜାତୀୟ ଖେଳାଳୀ ସମ୍ପନ୍ନ ଉଦୟ ସାନେ, ବୈଷୟିକ କମିଟିର ରାକେଶ ଶେଖର, ଆଇନ୍ସି ଦଥାନ, ସୁଧୀର ଭାର୍ବେ, ସାଙ୍ଗଠନିକ ସମ୍ପାଦକ ଲିଲିନ୍ କୁମାର, ରାଜ୍ୟ ସଂଘ ଉପସଭାପତି ପ୍ରଦୀପ ପଟ୍ଟନାୟକ ଉପସ୍ଥିତ ରହିଛନ୍ତି । ଜିଲା ବ୍ୟାଡମିଂଟନ ସଂଘ ସମ୍ପାଦକ ତଥା ଆୟୋଜକ କମିଟି ସଂଯୋଜକ ସୁରୁଲାଲ ମଟାରୀ ସମସ୍ତ କାର୍ଯ୍ୟ ତଦାରଖ କରୁଛନ୍ତି ।

ଯୁବ ରେଡ଼କ୍ରସର ଅଧିଗ୍ରହଣ ଉତ୍ସବ

ମାଲକାନଗିରି, ୨୩/୧୧ (ନି.ପ୍ର): ମାଲକାନଗିରି ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡ଼କ୍ରସ ଅଧିଗ୍ରହଣ ଉତ୍ସବ ବିଦ୍ୟାଳୟର ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆଜି ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଅଧିଗ୍ରହଣ ଉତ୍ସବରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ଯୋଗଦେଇ ରେଡ଼କ୍ରସର ଗୁରୁତ୍ୱ ଉପରେ ଆଲୋଚନା କରି ଉପସ୍ଥିତ ସ୍ୱେଚ୍ଛାସେବୀ ମାନଙ୍କୁ ମାନସିକତାରେ ପରିବର୍ତନ ଆଣି ସମାଜ ସେବା ପ୍ରତି ଆଗ୍ରହ ପ୍ରକାଶ କରିବା ଉଚିତ ବୋଲି କହିଥିଲେ । ପ୍ରାରମ୍ଭିକ ଭାଷଣରେ ଅଧ୍ୟକ୍ଷ ଶ୍ରୀ ଜେନା ରେଡ଼କ୍ରସର ମହତ୍ୱ ବିଷୟ ଆଲୋଚନା କରିଥିଲେ !ଯୁବ ରେଡ଼କ୍ରସର ଜିଲ୍ଲା ସଂଯୋଜକ ଡ଼. ରଞ୍ଜନ କୁମାର ସ୍ୱାଇଁ ସ୍ୱେଚ୍ଛାସେବୀ ମାନଙ୍କୁ ଏହାର ଉତ୍ପତ୍ତି, ଲକ୍ଷ୍ୟ ଏବଂ କାର୍ଯ୍ୟକ୍ରମ ଉପରେ ବିସ୍ତୃତ ଭାବରେ ବୁଝାଇଥିଲେ । ପ୍ରାରମ୍ଭରେ ସ୍ୱେଚ୍ଛାସେବୀ ମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ ଏବଂ ଅତିଥିମାନଙ୍କ ଦ୍ୱାରା ରେଡ଼କ୍ରସର ପ୍ରତିଷ୍ଠାତା ସାର ହେନେରୀ ଡୁନାଂଟ ଙ୍କ ଫୋଟ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା ।

ବିଜେପି ପକ୍ଷରୁ ମାନେଶ୍ୱର ବ୍ଲକ କାର୍ଯ୍ୟାଳୟ ଘେରାଉ

ସମ୍ବଲପୁର, ୨୩/୧୧ (ନି.ପ୍ର): ସମ୍ପ୍ରତି ରାଜ୍ୟରେ ପଂଚାୟତ କାର୍ଯ୍ୟାଳୟରୁ ଆରମ୍ଭ କରି ସଚିବାଳୟ ପର୍ଯ୍ୟନ୍ତ ସବୁଠି ପିସି କା ରବାର ଚାଲିଛି । ବିନା ଲାଂଚରେ ଭତା, ରାସନକାର୍ଡ଼, ଶୌଚାଳୟ ଓ ଆବାସ ଭଳି ଓ କୌଣସି ସୁବିଧା ହିତାଧିକାରୀ ପାଉନାହାନ୍ତି । ଅନେକ ଅଯୋଗ୍ୟ ହିତାଧିକାରୀଙ୍କୁ ପ୍ରୋତ୍ସାହନ ଦିଆଯାଉଛି । ସରପଞ୍ଚ ଓ ସମିତିସଭ୍ୟଙ୍କ କ୍ଷମତାକୁ ସଙ୍କୁଚିତ କ ରି ଅନୁଦାନ ହଡ଼ପ କରାଯାଉଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ରେ ପ୍ରକୃତ ହିତାଧିକାରୀ ଙ୍କୁ ଘର ଖଣ୍ଡିଏ ମିଳି ପାରୁ ନାହିଁ । କେନ୍ଦ୍ରରୁ ଗରୀବ ବାସହରା ରାଜ୍ୟବାସୀଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ପାଇଁ ଆସୁଥିବା ହଜାର ହଜାର କୋଟି ଟଙ୍କା କୁ ମିଥ୍ୟା ବିଲ୍ କରି ସରକାରି ଅଧିକାରୀ ଶାସକ ଦଳ ର ନେତା ମନ୍ତ୍ରୀ ବିଧାୟକ ଚଲୁ କରି ଦେଇଛନ୍ତି । ରାଜ୍ୟ ସରକାରଙ୍କ ଦୁର୍ନୀତି ଏବଂ ଅନିୟମିତତା ପଦାରେ ପଡ଼ିଥିବା ବେଳେ ଆସନ୍ତା ସାଧାରଣ ନିର୍ବାଚନ ଓଡ଼ିଶାବାସୀଙ୍କ ପାଇଁ ନିର୍ଣ୍ଣାୟକ ଲଢ଼େଇ ହେବ । ଏହାସହ ପ୍ରତି ବ୍ଲକ୍କୁ ୩୫ ପ୍ରତିଶତ ଜଳସେଚନ ବ୍ୟବସ୍ଥା, ପ୍ରତି ବ୍ଲକ୍ରେ ଶୀତଳ ଭଣ୍ଡାର ନିର୍ମାଣ, ଭୂମିହୀନଙ୍କୁ ପଟ୍ଟା ବଂଟନ ଓ ଶିଳ୍ପାୟନ ମାଧ୍ୟମରେ ରୋଜଗାର ନେଇ ରାଜ୍ୟ ସରକାରଙ୍କ ପ୍ରତିଶ୍ରୁତି ପାଣିର ଗାର ପାଲଟିଥିବା ନେତୃବୃନ୍ଦ ମତବ୍ୟକ୍ତ କରିଥିଲେ । ରେଙ୍ଗାଲି ବିଧାୟକ ନାଉରୀ ନାୟକ, ରେଢାଖୋଲ ବିଧାୟକ ପ୍ରାର୍ଥୀ ଦେବେନ୍ଦ୍ର ମହାପାତ୍ର, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ରାଧେଶ୍ୟାମ ବାରିକ, ରାଜ୍ୟ କୃଷକ ମୋର୍ଚା ଉପସଭାପତି ଚନ୍ଦ୍ର ଶେଖର ପଣ୍ଡା, ମହିଳା ମୋର୍ଚା ଜିଲ୍ଲା ସଭାନେତ୍ରୀ ଅନ୍ନପୂର୍ଣ୍ଣା ବାରିକ୍, ବରିଷ୍ଠ କାର୍ଯ୍ୟକର୍ତା ଦାମୋଦର କର, ନରେନ୍ଦ୍ର ମିଶ୍ର, ରମେଶ ପ୍ରଧାନ, ମନବୋଧ ଭୋଇ, ଦାମୋଦର ଭୋରାସାଗର, କ୍ଷମାନିଧି ସାହୁ, ପ୍ରମୁଖ ଅଭିଭାଷଣ ଦେଇଥିଲେ ଓ ସରକାରଙ୍କ ବିରୁଦ୍ଧରେ ଗର୍ଜିଥିଲେ । ମାନେଶ୍ୱର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିବା ପରେ ଦାବିପତ୍ର ଗ୍ରହଣ କରିଥିଲେ । ଆଜିର କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଗିରିଶ ପଟେଲ, ବିଜେପି ମୁଖପତ୍ର ମାନସ ରଞ୍ଜନ ବକ୍ସି, ଉତମ ବିଶ୍ୱାଳ, ଡ.ପ୍ରଭାସ ଦେବତା, ରୁକ୍ମିଣୀ ମହାନନ୍ଦ, ଶୈଳେନ୍ଦ୍ରୀ ପ୍ରଧାନ, ପ୍ରଭାସିନୀ ହୋତା, ପ୍ରଭାସିନୀ ଦାଶ ଓ ରୁନୁ ପ୍ରଧାନ ପ୍ରମୁଖ ସାମିଲ୍ ଥିଲେ ।

ବିଜୁ ଜନତା ଦଳର ତିନି ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

ମାଲକାନଗିରି, ୨୩/୧୧ (ନି.ପ୍ର): ତୃଣମୂଳ ସ

କେଶ ଝଡୁଥିଲେ ଆପଣାନ୍ତୁ ଏହି ଘରୋଇ ଉପାୟ

କେଶ ସୁନ୍ଦରତାର ଏକ ପରିଚୟ। ପୁରୁଷ ହୁଅନ୍ତୁ ଅବା ମହିଳା, ସମସ୍ତେ ସୁନ୍ଦର କେଶ ଚାହାନ୍ତି। ଲମ୍ବା କେଶ ଝିଅମାନଙ୍କ ସୁନ୍ଦରତାକୁ ଦ୍ୱିଗୁଣିତ କରିଦିଏ। ହେଲେ ଆମ ପରିବର୍ତ୍ତିତ ଜୀବନଶୈଳୀ କେଶ ଝଡିବାର ଏକ ମୁଖ୍ୟ କାରଣ ପାଲଟିଛି। ଏହି ସମସ୍ୟାରୁ ରକ୍ଷା ପାଇବା ପାଇଁ କିଏ କେତେ କଣ ଉପାୟ ଆପଣାଉଛି। ଅଧିକାଂଶ ଲୋକେ ବିଭିନ୍ନ ହେୟାର୍ କେୟାର୍ ପ୍ରଡକ୍ଟ ବ୍ୟବହାର କରନ୍ତି। ସୁସ୍ଥକର ଖାଦ୍ୟ ସେବନ କରନ୍ତୁ: ଅନେକ ଥର ଲୋକମାନେ ନିଜ କେଶରେ ମହଙ୍ଗା ଦ୍ରବ୍ୟ ପ୍ରୟୋଗ କରନ୍ତି, କିନ୍ତୁ ଖାଦ୍ୟ ପ୍ରତି ଧ୍ୟାନ ଦିଅନ୍ତି ନାହିଁ। ଏହା ଦ୍ୱାରା କେଶ ଦୁର୍ବଳ ହୋଇଯାଏ ଓ ଝଡେ। ତେଣୁ କେଶକୁ ମଜବୁତ କରିବା ପାଇଁ ସବୁଠୁ ଭଲ ଉପାୟ ହେଉଛି ସୁସ୍ଥକର ଖାଦ୍ୟ ଖାଇବା। ଖାଦ୍ୟରେ ସବୁଜ ପନିପରିବା ସହ ଲୌହଯୁକ୍ତ ଖାଦ୍ୟ ଅନ୍ତର୍ଭୂକ୍ତ କରନ୍ତୁ। ଏହା ବ୍ୟତୀତ ଭିଟାମିନ୍-ସି ସମୃଦ୍ଧ ଖାଦ୍ୟ ଯେପରିକି କିୱି, କମଳା, ବ୍ଲାକବେରୀ ଇତ୍ୟାଦି ସେବନ କରନ୍ତୁ। ଏହା କେଶକୁ ସିଲ୍କ ଏବଂ ଷ୍ଟ୍ରଙ୍ଗ କରିଥାଏ। ଦୈନନ୍ଦିନ ଖାଦ୍ୟରେ ଡ୍ରାଏ ଫ୍ରୁଟ୍ସ ଅନ୍ତର୍ଭୁକ୍ତ କରନ୍ତୁ। ଡାଲି, ଅଣ୍ଡା ଏବଂ ମାଛ ପରି ପ୍ରୋଟିନ୍ ଜାତୀୟ ଖାଦ୍ୟ ମଧ୍ୟ କେଶ ଉପକାରୀ। ପର୍ଯ୍ୟାପ୍ତ ନିଦ ସ୍ୱାସ୍ଥ୍ୟ ପାଇଁ ଏକ ଭଲ ମେଡିସିନ୍। ଶରୀର ଆବଶ୍ୟକ କରୁଥିବା ଶୋଇବା ଫଳରେ ଅନେକ ରୋଗ ଦୂର ହୋଇଯାଏ। କେଶକୁ ସୁସ୍ଥ ରଖିବାରେ ମଧ୍ୟ ନିଦ ଏକ ଭଲ ଅଭ୍ୟାସ। ଅତିକମରେ ଦିନକୁ ୮ରୁ ୯ ଘଣ୍ଟା ଶୋଇବା ଅଭ୍ୟାସ କରନ୍ତୁ। ପର୍ଯ୍ୟାପ୍ତ ଶୋଇବା ଫଳରେ କେଶକୁ ରକ୍ତ ସଞ୍ଚାଳନ ସଠିକ୍ ହୋଇଥାଏ। ଫଳରେ କେଶ ଲମ୍ବା ହୋଇଥାଏ। ଏଥିସହ ଚାପ ଓ ଚିନ୍ତା ମଧ୍ୟ ଦୂର ହୁଏ। ସମୟ ସମୟରେ କେଶରେ ତେଲ ଲଗାନ୍ତୁ: ଅଧିକାଂଶ ଲୋକ ଗ୍ରୀଷ୍ମ ଋତୁରେ କେଶରେ ତେଲ ଲଗାନ୍ତି ନାହିଁ। କିନ୍ତୁ ଏପରି କରନ୍ତୁ ନାହିଁ। ଗ୍ରୀଷ୍ମ ହେଉକି ଶୀତ କେଶରେ ନିୟମିତ ଭାବେ ହାଲୁକା ତେଲ ଲଗାନ୍ତୁ। ଏହା ସହିତ, ଅତି କମରେ ୨୦ ମିନିଟ୍ ପାଇଁ କେଶକୁ ମସାଜ୍ କରନ୍ତୁ। ନିଜ କେଶ ଅନୁଯାୟୀ ଆଲମୋଣ୍ଡ, ଅଲିଭ୍, ନଡିଆ ତେଲ କିମ୍ବା ଅନ୍ୟାନ୍ୟ ତେଲ ଲଗାଇପାରିବେ। କେଶ ଧୋଇବାର ୨ରୁ ୩ ଘଣ୍ଟା ପୂର୍ବରୁ ତେଲ ଲଗାନ୍ତୁ।

ଡାଏବେଟିସ ଓ ଷ୍ଟ୍ରୋକ ଭୋଗୁଥିବାଙ୍କୁ ଉପଦେଶ

ମଧୁମେହ ଭୋଗୁଥିଲେ, ସପ୍ତାହରେ ତିନି ଦିନ ଅତି କମରେ ୪୫ ମିନିଟ ଭାରଯୁକ୍ତ ବ୍ୟାୟାମ କରନ୍ତୁ। ଆଉ ତିନି ଦିନ କାର୍ଡିଓ ବ୍ୟାୟାମ। ୩୦-୪୦ ମିନିଟ ସାଇକେଲିଂ, ଦୌଡ଼, ସନ୍ତରଣ, ଟ୍ରେଡ଼ ମିଲରେ ଦୌଡ଼, ସ୍କିପିଂ, ଷ୍ଟେପିଂ ଆଦି ଏଥି ଅନ୍ତର୍ଭୁକ୍ତ। ହାଲିଆ ଲାଗିବା ପର୍ଯ୍ୟନ୍ତ ଏ ଭଳି ବ୍ୟାୟାମ କରନ୍ତୁ। ବିଶ୍ରାମ ନେଇ ପୁଣି କରନ୍ତୁ। ଏହାସହ ବ୍ୟାଡ଼ମିଂଟନ, ଟେନିସ, ଫୁଟବଲ, ବାସ୍କେଟବଲ, ରଗବି, ସ୍କ୍ୱାସ, ହ୍ୟାଣ୍ଡବଲ ଖେଳିପାରନ୍ତି।। କରାଟେ, କୁସ୍ତି, ମୁଷ୍ଟିଯୁଦ୍ଧ ଅଭ୍ୟାସ କରିପାରନ୍ତି। ପୁଷ୍ଟିସାର, ତନ୍ତୁ ତଥା ଧୀରେ ଧୀରେ ହଜମ ହେଉଥିବା ଶ୍ୱେତସାରଯୁକ୍ତ ଖାଦ୍ୟ ଖାଆନ୍ତୁ। ପ୍ରଥମେ ଅଧିକ ପୁଷ୍ଟିସାର ଯୁକ୍ତ ଖାଦ୍ୟ ଖାଇଲେ ରକ୍ତ ଶର୍କରା ନିୟନ୍ତ୍ରଣରେ ରହେ। ଶ୍ୱେତସାର ଯୁକ୍ତ ଖାଦ୍ୟ ଶେଷରେ ଖାଆନ୍ତୁ। ପ୍ରତିଦିନ ମାଛ, କୁକୁଡ଼ା, ମାଂସ, ଅଣ୍ଡାର ଧଳାଅଂଶ, ସୋୟାବିନ, ବୁଟ, ମଟର, ଡାଲି, ରାଜମା, ପନିପରିବା, ଫଳ ଖାଆନ୍ତୁ। ପ୍ରତିଦିନ ଜିଙ୍କ୍ କ୍ରୋମିଅମ, ଭିଟାମିନ ବି ଏବଂ ସି ଖାଆନ୍ତୁ। ୧୦ଗ୍ରାମ ଲେଖାଏଁ ଡାଲଚିନି ଓ ମେଥିଗୁଣ୍ଡ ରାତିରେ ଏକ ଲିଟର ପାଣିରେ ପକାଇ ରଖନ୍ତୁ। ସକାଳେ ପ୍ରତି ଥର ଭୋଜନ ପୂର୍ବରୁ ସେହି ପାଣିରୁ ଦୁଇଢୋକ ପିଅନ୍ତୁ। ରସୁଣ, ଗୁଗୁଳ, ସିଓକ୍ୟୁ-୧୦ ଏନଜାଇମ, ଗ୍ରେପସିଡ଼ ଏକସଟ୍ରାକଟ, ପାଇନାପଲ ଏକସଟ୍ରାକଟ, ଜାମୁକୋଳି, ଧନିଆପତ୍ର ମଧ୍ୟ ପ୍ରତିଦିନ ଖାଇବା ଭଲ।

କର୍କଟରୁ ବଂଚନ୍ତୁ

ହାର୍ଭାର୍ଡ଼ର ଗବେଷକଙ୍କ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନ ଅନୁଯାୟୀ, ସୁସ୍ଥ ଜୀବନଶୈଳୀ ଦ୍ୱାରା କର୍କଟକୁ ୨୦-୪୦ ପ୍ରତିଶତ ଏବଂ ଏଥିଜନିତ ମୃତ୍ୟୁ ଆଶଙ୍କାକୁ ୫୦ ପ୍ରତିଶତ ରୋକାଯାଇପାରିବ। ଏବେ ଆସନ୍ତୁ ଜାଣିବୁ ସୁସ୍ଥ ଜୀବନଶୈଳୀ କ'ଣ? ଏହା ବସ୍ତୁତଃ ଚାରିଟି ଉପଦେଶ ଉପରେ ନିର୍ଭରଶୀଳ। ୧.ଆଦୌ ଧୂମପାନ କରିବ ନାହିଁ, ଯଦି କରୁଛେ, ତୁରନ୍ତ ଛାଡ଼ିବା। ୨., ସୁରାପାନ କରିବା ନାହିଁ। ଯଦି କରିବା, ମହିଳାଙ୍କ କ୍ଷେତ୍ରରେ ଦିନରେ ଗୋଟିଏ ପେଗ, ଏବଂ ପୁରୁଷଙ୍କ କ୍ଷେତ୍ରରେ ଦୁଇ ପେଗ। ୩. କାୟିକ ଘନତ୍ୱ ସୂଚନାଙ୍କ ବା ଇଂରେଜୀରେ ବଡ଼ି ମାସ ଇନଡେକସକୁ ୧୮.୫-୨୭.୫ ମଧ୍ୟରେ ରଖିବା। ୪. ସପ୍ତାହରେ ଅନ୍ୟୁନ ୧୫୦ ମିନିଟ୍ ସାଧାରଣ ବ୍ୟାୟାମ ବା ୭୫ ମିନିଟ କଠିନ ବ୍ୟାୟାମ କରିବା। ଯେଉଁମାନେ ଏଭଳି ଜୀବନଶୈଳୀ ସହ ଅଭ୍ୟସ୍ତ ହୋଇପାରିବେ, ସେମାନେ ଅନ୍ୟମାନଙ୍କ ତୁଳନାରେ କର୍କଟ ଭୋଗିବାର ଆଶଙ୍କା କମ୍। ଏକ ଲକ୍ଷ ଚାଳିଶ ହଜାର ମଣିଷଙ୍କ ଉପରେ ଲମ୍ବାର ସମୟ ଅଧ୍ୟୟନ ଆଧାରରେ ଗବେଷକମାନେ ଏହି ସିଦ୍ଧାନ୍ତରେ ପହଂଚିଛନ୍ତି। ଏଥିପ୍ରତି ସତର୍କ ରହିଲେ ଫୁସଫୁସ, ମଳାଶୟ, ବୃକ୍କ, ଗଳା, ଯକୃତ, ସ୍ତନ, ଅଗ୍ନାଶୟ ଓ ପୁରସ୍ଥ ଗ୍ରନ୍ଥି କର୍କଟ ଆଶଙ୍କା ଉଲ୍ଲେଖନୀୟ ଭାବେ ହ୍ରାସ ପାଇବ।

ଗାଡ଼ି ଓଡ଼ିଶା ବାଲିରେ ହୋଟେଲ

ପ୍ରତ୍ୟେକ ରାଷ୍ଟ୍ରମୁଖ୍ୟ ନଜ ନିଜ ରାଷ୍ଟ୍ରରେ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ନିମନ୍ତେ ଭିନ୍ନ ଭିନ୍ନ ପଦକ୍ଷେପ ନେଉଥିବାର ଦେଖାଯାଉଛି। ନିକଟରେ ଅଷ୍ଟ୍ରେଲିଆର ସବୁଠୁ ଲୋକପ୍ରିୟ ଗୋଲ୍ଡକୋଷ୍ଟ ଉପକୂଳରେ ବାଲିର ହୋଟେଲ ନିର୍ମିତ କରାଯାଇଛି। ମିଳିଥିବା ତଥ୍ୟ ଅନୁସାରେ, ହଲିଉଡ଼ ଚଳଚ୍ଚିତ୍ରର ସେଟ ଡିଜାଇନ କରୁଥିବା ଡିଜାଇନର ଜୋ ଡାଭଡିଙ୍ଗ ଏହି ବାଲିର ହୋଟେଲକୁ ନିର୍ମାଣ କରିଛନ୍ତି। ୨୪ଟନ ବାଲିରେ ନିର୍ମିତ ହୋଇଥିବା ଏହି ବାଲିର ହୋଟେଲ ୨୧ ଦିନ ମଧ୍ୟରେ ନିର୍ମିତ ହୋଇଛି। ଏକ ବିଳାସମୟ କକ୍ଷ ଓ ୮ଟି ସାଧାରଣ କକ୍ଷ ଥିବା ଏହି ହୋଟେଲର କାନ୍ଥ ଆସବାବପତ୍ର ସବୁକିଛି ବାଲିରେ ନିର୍ମିତ। ନିର୍ମାଣକାରୀ ସଂସ୍ଥାର କହିବାନୁସାରେ ଗ୍ରାହକ କୌଣସି ଅଭିଯୋଗ କରିବାର ସୁଯୋଗ ସେମାନେ ଦେଇନାହାନ୍ତି। ହୋଟେଲରେ ଫ୍ଲୋରିଂ ସମ୍ପୂର୍ଣ୍ଣ ବେଳାଭୂମି ଉପକୂଳ ପରି। ଚାଲିଲା ବେଳେ ଜୋତାରେ ବାଲି ଲାଗିବା ସ୍ୱାଭାବିକ। ଦିନ ପିଛା ଏହି ବାଲି ହୋଟେଲ କକ୍ଷର ଭଡ଼ା ୨୨ହଜାର ଟଙ୍କା ଧାର୍ଯ୍ୟ ହୋଇଛି। ଅନ ଲାଇନ ବୁକିଂ ଆରମ୍ଭ ହୋଇସାରିଥିବା ବେବଳେ ୪୧ହଜାର ଲୋକ ୱେଟିଂଙ୍ଗ ଲିଷ୍ଟରେ ଥିବାର ପ୍ରକାଶ।

ଷ୍ଟାଚ୍ୟୁ ଅଫ ଲିବର୍ଟିରେ ଡ୍ରୋନ ଫଟୋଗ୍ରାଫି ବନ୍ଦ

ଯୁକ୍ତରାଷ୍ଟ୍ର ଆମେରିକାର ନ୍ୟୁୟର୍କସ୍ଥିତ ଷ୍ଟାଚ୍ୟୁ ଅଫ ଲିବର୍ଟିଂ ବିଶ୍ୱର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳ ଭାବରେ ଜଣାଯାଏ। ୧୮୮୬, ଅକ୍ଟୋବର ୨୮ରେ ଫ୍ରାନ୍ସର ଏହି ପ୍ରତିମୂର୍ତ୍ତିକୁ ଆମେରିକା ଉପହାର ଭାବେ ପ୍ରେରଣ କରିଥିଲେ। ୧୫୧ ଫୁଟ ୧ ଇଂଚ ଏହି ମୂର୍ତ୍ତି ନିକଟକୁ ଏବେ କୌଣସି ପର୍ଯ୍ୟଟକ ଡ୍ରୋନ ନେଇ ଫଟୋ ଉଠାଇ ପାରିବେ ନାହିଁ। ପ୍ରତ୍ୟେକ ବର୍ଷ ୩୦ଲକ୍ଷରୁ ଅଧିକ ପର୍ଯ୍ୟଟକ ଏହି ଷ୍ଟାଚ୍ୟୁ ନିକଟକୁ ଆସୁଥିବାବେଳେ ଫଟୋ ଉଠାଇବାର ସଉକ ଅଧିକାଂଶଙ୍କର ରହଉଛି। ତେବେ ଡ୍ରୋନ ଫଟୋଗ୍ରାଫିରେ ଷ୍ଟାଚ୍ୟୁ ଭାଙ୍ଗିଯିବାର ଆଶଙ୍କା ରହିଛି। ୧୩୧ବର୍ଷ ପୂର୍ବେ ନିର୍ମିତ ହୋଇଥିବା ଏହି ମୂର୍ତ୍ତି ଯେପରି କ୍ଷତିଗ୍ରସ୍ତ ନହେଉ, ସେହି କାରଣରୁ ନ୍ୟୁୟର୍କ ଷ୍ଟାଚ୍ୟୁ ଅଫ ଲିବର୍ଟି ସଂଘ ଏହି ନିଷ୍ପତ୍ତି ନେଇଛି। କୌଣସି ବ୍ୟକ୍ତି ଏହି ନିୟମକୁ ଅମାନ୍ୟ କଲେ ତୁରନ୍ତ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଜୀବନ ରକ୍ଷାକାରୀ ଆସ୍‌ପିରିନ୍

 କ୍ଷଣିକ ରକ୍ତାଘାତ, ଇଂରେଜୀରେ ଟ୍ରାନ୍‌ଜିଏଣ୍ଟ ଇସକେମିକ ଆଟାକ ବା ମିନି ଷ୍ଟ୍ରୋକ ହେଲେ କିମ୍ବା ହୃଦଘାତର ଲକ୍ଷଣ ପ୍ରକା।ଶ ପାଇଲେ, ସଙ୍ଗେ ସଙ୍ଗେ ଆସପିରିନ ଖାଇନେଲେ, ବେଶ୍ କିଛିଦିନ ପର୍ଯ୍ୟନ୍ତ ବଡ଼ ଧରଣର ହୃଦଘାତ ଆଶଙ୍କା ଦୂରହୁଏ। ମିନି ଷ୍ଟ୍ରୋକ ବେଳେ ମସ୍ତିଷ୍କକୁ ରକ୍ତ ପ୍ରବାହ ଅଳ୍ପ ସମୟ ପାଇଁ ବନ୍ଦ ହୋଇଯାଏ, ପାଂଚଞ୍ଚ ମିନିଟରୁ କମ୍। ତେଣଉ ଏହାଦ୍ୱାରା କୌଣସି ବଡ଼ ଧରଣର କ୍ଷତି ଘଟେନାହିଁ। ତେବେ, ଏଥିପ୍ରତି ଅବହେଳା କଲେ, ପରିଣାମ ଭୟାବହ

ହୋଇପାରେ। ପରବର୍ତ୍ତୀ ଷ୍ଟ୍ରୋକ ହଜାରେ ଗୁଣ ଅଧିକ କ୍ଷତିକାରୀ। ମିନି ଷ୍ଟ୍ରୋକ ଭୋଗୁଥିବା ତିରିଶ ପ୍ରତିଶତ ଲୋକ କିଛି ଦିନ ଭିତରେ ବଡ଼ ଧରଣର ହୃଦଘାତର ସାମନା କରନ୍ତି। ଛପନ ହଜାର ମଣିଷଙ୍କ ଉପରେ ହୋଇଥିବା ଅଧ୍ୟୟନ ସୂତ୍ରରୁ ପ୍ରକାଶ ଯେ, ମିନି ଷ୍ଟ୍ରୋକ ହେଉହେଉ ଆସପିରିନ ଖାଇନେଲେ, ପରବର୍ତ୍ତୀ କାଳରେ ବଡ଼ ହୃଦଘାତରୁ ବର୍ତ୍ତିବାର ଆଶା ଅଶୀ ପ୍ରତିଶତ ଅଧିକ। ତେଣୁ ମିନିଷ୍ଟ୍ରୋକ ପରେ ଅଧିକ ପରୀକ୍ଷା-ନିରୀକ୍ଷା ପାଇଁ ଅପେକ୍ଷା ନକରି, ଆସପିରିନ ଖାଇନେବା ଉଚିତ। ଏ ସମ୍ପର୍କରେ ଏକ ବିଶେଷ ରିପୋର୍ଟ 'ଦ ଲାନସେଟ୍' ରେ ପ୍ରକାଶ ପାଇଛି।

ରୋଷେଇ ଗୃହର ପବିତ୍ରତା

ବାସ୍ତୁଶାସ୍ତ୍ର ମତରେ ରୋଷେଇ ଘର ସଦାସର୍ବଦା ଦକ୍ଷିଣପୂର୍ବ କୋଣ ବା ଅଗ୍ନି କୋଣରେ ୧୨୦ଡିଗ୍ରୀରୁ ୧୬୦ଡିଗ୍ରୀ ମଧ୍ୟରେ ରହିବା ଦରକାର । ଏହି ସ୍ଥାନଟି ଶୁକ୍ର ମହାଗ୍ରହଙ୍କ ସ୍ଥାନ ବୋଲି ବିବେଚନା କରାଯାଏ। ଏହି ସ୍ଥାନଟି ଆମର ଆର୍ଥିକ ସ୍ଥିତି, ସାମାଜିକ ପ୍ରତିଷ୍ଠା, ସମ୍ପର୍କ, ବ୍ୟବସାୟରେ ଲାଭର ସ୍ଥାନ ହୋଇଥାଏ, ଏହା ଜିଓ ବାସ୍ତୁ କହେ। ଯଦି ଏହି ଜାଗାରେ ରୋଷେଇ ଘର ହୋଇଥାଏ, ତେବେ ରୋଷେଇ କରିବା ସମୟରେ ଆମକୁ କେତୋଟି ନିୟମ ପାଳନ କରିବାକୁ ପଡ଼ିବ। ପ୍ରଥମେ ଚୁଲି ଲଗାଇବା ପୂର୍ବରୁ ବା ରୋଷେଇ ଗୃହକୁ ପ୍ରବେଶ ପୂର୍ବରୁ ମହିଳାମାନେ ବା ଯିଏ ରୋଷେଇ କରୁଛନ୍ତି, ଯଦି ସ୍ନାନ, ଶୌଚ ନକରି ରୋଷେଇ ଗୃହକୁ ପ୍ରବେଶ କରନ୍ତି ତେବେ ରୋଷେଇ ଘରେ ନକାରାତ୍ମକ ଶକ୍ତିର ପ୍ରଭାବ ବଢ଼ି ଗୃହରେ ପୁରୁଷ ଓ ମହିଳାଙ୍କ ବୃତି କ୍ଷେତ୍ରରେ କର୍ତ୍ତାର ବୃତି କ୍ଷେତ୍ରରେ ସମସ୍ୟା ସୃଷ୍ଟି ହୋଇଥାଏ। ଗୃହରେ ଆର୍ଥିକ ସମସ୍ୟା ସୃଷ୍ଟି ହେବା ସହିତ ଅଯଥା ମାନସିକ ଚିନ୍ତା ବଢ଼ିଥାଏ। ଏଣୁ ରୋଷେଇ ଘରକୁ ସଫା ସୁତୁରା ରଖିବା ସହିତ ଖାଦ୍ୟ ଗୃହ ବାହାରେ ଦେଇ ଆସିବା ପରେ ଭୋଜନ କଲେ କେବେହେଲେ ପେଟ ସମସ୍ୟା ରହିବ ନାହିଁ। ଗୃହର ରୋଷେଇ ଘରେ କେବେହେଲେ ଆମିଷ ରୋଷେଇ କରିବେ ନାହିଁ। ଯଦି ଏହା କରନ୍ତି ଘରର ଉତ୍ତର ପୁରୁଷ ଗୃହ ତ୍ୟାଗ କରିବା ଭଳି ସମସ୍ୟା ସୃଷ୍ଟି ହୋଇଥାଏ। ଘରେ ଯଦି କୌଣସି ଦେବମୂର୍ତ୍ତି, ଶାଳଗ୍ରାମ ଆଦି ରଖିଛନ୍ତି, ତେବେ ଗୃହରେ କେବେହେଲେ ଆମିଷ ରୋଷେଇ କରିବେ ନାହିଁ। ରୋଷେଇ ଘରେ କୌଣସି ବର୍ଜ୍ୟବସ୍ତୁ ଯଥା-ଭଙ୍ଗା ପ୍ଲାଷ୍ଟିକ ଡବା, ବୋତଲ, ଭଙ୍ଗା ବାସନକୁସନ, ଅସଜଡ଼ା ଗ୍ରାଇଣ୍ଡର ଆଦି କେବେହେଲେ ରଖିବେ ନାହିଁ। ଗୃହରୁ ଅଳିଆ ଆବର୍ଜନା ପ୍ରତି ଶନିବାର ବାହାର କରିଦେବା ଉଚିତ। ରୋଷେଇ କଲାବେଳେ ସଦାସର୍ବଦା ପୂର୍ବ ମୁଖ ହୋଇ ରୋଷେଇ କରିବେ। ରୋଷେଇ ଗୃହର ଦ୍ୱାର ପୂର୍ବ, ପଶ୍ଚିମ ବା ଉତ୍ତରରେ ରଖନ୍ତୁ। ରୋଷେଇ ଘର ଝରକା ପୂର୍ବ କିମ୍ବା ଦକ୍ଷିଣକୁ ରଖନ୍ତୁ। ରୋଷେଇ ପାଇଁ ପ୍ଲାଟଫର୍ମ ଘରର ଆଗ୍ନେୟ କୋଣରେ ନିର୍ମାଣ କରନ୍ତୁ ଝରକା ସମ୍ମୁଖରେ ଗ୍ୟାସ ସିଲିଣ୍ଡର କିମ୍ବା ଚୁଲା ରଖନ୍ତୁ ନାହିଁ। ଦ୍ୱାର ମୁହଁରେ ଛିଡ଼ା ହେଲେ ଚୁଲା ବା ସିଲିଣ୍ଡର ଦେଖା ନଯିବା ଉଚିତ। ରୋଷେଇ ଘର ଯଦି ବାୟୁକୋଣରେ ଅର୍ଥାତ୍ ଉତ୍ତର-ପଶ୍ଚିମ କୋଣରେ ହୁଏ ତେବେ ଗୃହରେ ଅଯଥା ଖର୍ଚ୍ଚମାନ ବଢ଼ିଥାଏ। ଉତ୍ତର-ପଶ୍ଚିମ ବା ବାୟୁକୋଣରେ ରୋଷେଇ ଘର ରହିଲେ ଗୃହରେ ସଦାସର୍ବଦା ଅତିଥି ରହିଥାନ୍ତି। ନୈରୁତ କୋଣରେ ଅର୍ଥାତ୍ ଦକ୍ଷିଣ-ପଶ୍ଚିମ କୋଣରେ ରୋଷେଇ ଘର ରହିଲେ ଗୃହ କର୍ତ୍ତା ଦରିଦ୍ର ହୋଇଥାନ୍ତି। ଶୌଚାଳୟ ପାର୍ଶ୍ୱରେ କିମ୍ବା ସମ୍ମୁଖରେ ରୋଷେଇ ଗୃହ ରହିଲେ ସନ୍ତାନମାନଙ୍କୁ ଅସୁଖୀ କରିଥାଏ। ରୋଷେଇ ଗୃହର ରଙ୍ଗ ଗୋଲାପି, କମଳା, ହଳଦିଆ ହେଲେ ଶୁଭ। ଜାତଚକ୍ରରେ ଶୁକ୍ର ଓ ମଙ୍ଗଳ ଗ୍ରହ ଅଶୁଭ ଥିଲେ ମଧ୍ୟ ଆଗ୍ନେୟ କୋଣ ଯଦି ସଠିକ୍ ଥାଏ, ତେବେ ଆମେ ଗ୍ରହ କଷ୍ଟରୁ ମୁକ୍ତି ପାଇପାରିବା।

ସ୍ନାନ ସାରି ଅଗ୍ନି ଦେବତାଙ୍କୁ ପ୍ରଣାମ କରି ରୋଷେଇ କଲେ ଶୁଭ ହୋଇଥାଏ। ରୋଷେଇ ସରିବା ପରେ ପ୍ରଥମେ ଖାଦ୍ୟରୁ ସାମାନ୍ୟ କିଛି ଅଲଗା ରଖି ଅଗ୍ନି ଦେବତାଙ୍କର ଉଦ୍ଦେଶ୍ୟରେ ପଶୁପକ୍ଷୀମାନଙ୍କୁ ଅର୍ପଣ କଲେ ସ୍ୱାସ୍ଥ୍ୟ କେବେହେଲେ ଖରାପ ହୁଏନାହିଁ। ରୋଷେଇ ଗୃହରୁ ପ୍ରଥମେ ଖାଦ୍ୟ ଆଣି ଐଶାନ୍ୟ କୋଣରେ ଥିବା ଦେବତାଙ୍କୁ ଅର୍ପଣ କରିବା ଉଚିତ୍। ଯଦି ଏହା କରାଯାଏ କେବେହେଲେ ଗୃହରେ ଅନ୍ନ ଅଭାବ ଦେଖାଦିଏନାହିଁ।

ପ୍ରତ୍ୟହ ସକାଳ ଓ ସନ୍ଧ୍ୟାରେ ରୋଷେଇ ଘରେ ଲକ୍ଷ୍ମୀଙ୍କ ଉଦ୍ଦେଶ୍ୟରେ ଧୂପ ଦେବା ଏବଂ ଶ୍ରୀକର୍ପୂରରେ ଆଳତି କରିବା ଦରକାର। କୌଣସି ପର୍ବପର୍ବାଣିରେ ରୋଷେଇ କରାଯିବା ପରେ ସେଥିରୁ ସାମାନ୍ୟ

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

ମାନବୀୟ ଦୃଷ୍ଟିକୋଣ..

ଏକ ୪-ଦିନିଆ ଯୁଦ୍ଧ ବିରତି ଯୁଦ୍ଧଠାରୁ ଅନେକ ପରିମାଣରେ ଭଲ, ଯେଉଁଥିରେ ଏକ ପ୍ରକାର । ଟଳମଳ ହେଉଥିବା ଗାଜା ନଗରୀ ଇସ୍ରାଏଲୀ ବୋମା ବର୍ଷା ଏବଂ ରକେଟ୍ ମାଡ଼ରେ ଧ୍ୱସ୍ତ ବିଧ୍ୱସ୍ତ ହୋଇ ସାରିଛି । କାତାରଠାରେ ଏହାର ମଧ୍ୟସ୍ଥିରେ ଅନୁଷ୍ଠିତ ହାମାସ୍‌ର ରାଜନୀତିକ ଶାଖା ଏବଂ ତେଲ୍ ଆଭିଭ୍‌ର ପ୍ରତିନିଧିମାନଙ୍କ ମଧ୍ୟରେ ବିଶ୍ୱର ନେତୃସ୍ଥାନୀୟ ଶକ୍ତିମାନଙ୍କ ଦ୍ୱାରା, ବିଶେଷକରି ଆମେରିକା ଯିଏକି ଇସ୍ରାଏଲକୁ ଦୃଢ଼ ସମର୍ଥନ ଯୋଗାଇ ଆସିଛି, ସେମାନଙ୍କ ଦ୍ୱାରା ଗଭୀର ଆଲୋଚନା ପରେ ମାନବୀୟ ଦୃଷ୍ଟିକୋଣରୁ ଲଢ଼େଇରେ ବିରତି ଘଟାଇବାକୁ ସ୍ଥିର ହୋଇଛି । ଏଥିପାଇଁ ଏକ ସର୍ତ୍ତ ମଧ୍ୟ ରହିଛି- ଦିନକୁ ମହିଳା ଓ ଶିଶୁମାନଙ୍କୁ ମିଶାଇ ପ୍ରତି ୧୨ ଜଣ ଇସ୍ରାଏଲୀ ପଣବନ୍ଦୀଙ୍କୁ ହାମାସ୍ ମୁକ୍ତ କରିବ, ଯାହାର ପ୍ରତିବଦଳରେ ଇସ୍ରାଏଲ ୧୫୦ ପାଲେଷ୍ଟିନୀୟ ମହିଳା ଓ ଶିଶୁଙ୍କୁ ଚାରି ଦିନ ମଧ୍ୟରେ ମୁକ୍ତି ଦେବାକୁ ଥିବା ବେଳେ ଜାଳେଣି, ଖାଦ୍ୟପଦାର୍ଥ ଏବଂ ଔଷଧ ଧରି ଗାଜାବାସୀଙ୍କୁ ସାହାଯ୍ୟ କରିବାକୁ ଆସିଥୁବା ଟ୍ରକ୍‌ଗୁଡ଼ିକ ମଧ୍ୟରୁ ଦିନକୁ ୩୦୦ ସହାୟତା ପ୍ରଦାନକାରୀ ଟ୍ରକ୍‌କୁ ଗାଜାକୁ ଛଡ଼ାଯିବ । ଏହି ସହାୟତା ଗାଜାବାସୀଙ୍କ ପାଇଁ ଅନେକ ଆଶ୍ୱସ୍ତି ବହନ କରି ଆଣିବ, ଯେଉଁମାନେ କି ବସ୍ତୁତଃ ସେମାନଙ୍କ ନିଜ ମାଟିରେ ଶରଣାର୍ଥୀ ପାଲଟି ଯାଇଛନ୍ତି। ସେମାନଙ୍କର ଏଭଳି ଦୁଃଖଦ ଦିନଗୁଡ଼ିକ ପାଇଁ ଇସ୍ରାଏଲ ଉପରେ ସୀମା-ପାର ଆତଙ୍କବାଦୀ ଆକ୍ରମଣ ହିଁ ଦାୟୀ, ଯାହା ଅକ୍ଟୋବର ୭ ତାରିଖରେ ହାମାସ୍ ଇସ୍ରାଏଲ ଉପରେ କରିଥିଲା ଯେଉଁଥରେ ନିହାତି କମ୍‌ରେ ୧,୨୦୦ ଲୋକ ନିହତ ହେବା ସହିତ ଏହା ବନ୍ଧୁକ ମୁନରେ ୨୪୦ ଇସ୍ରାଏଲୀଙ୍କୁ ପଣବନ୍ଦୀ କରି ନେଇଥିଲା। ସେହି ଦିନ ଇସ୍ରାଏଲ ହାମାସ୍ ଉପରେ ପ୍ରତିଆକ୍ରମଣ କରିବା ବେଳେ ପ୍ରତିଜ୍ଞା କରିଥିଲା ଯେ ଏହା 'ହାମାସ୍‌କୁ ସମ୍ପୂର୍ଣ୍ଣ ନିଶ୍ଚିହ୍ନ' କରିବ, ସବୁଦିନ ପାଇଁ ଗାଜାରୁ ସୁରକ୍ଷାଜନିତ ବିପଦକୁ ଉଚ୍ଛେଦ କରିବ, ଏବଂ ଏହାର ପଣବନ୍ଦୀ ହୋଇଥିବା ନାଗରିକମାନଙ୍କୁ ମୁକ୍ତ କରିବ । ଆଉ ଏଇ ପ୍ରତିବଦ୍ଧତା ଯୋଗୁଁ ଇସ୍ରାଏଲ ଲଢ଼େଇରେ ବିଗତ ଛଅ ସପ୍ତାହ ମଧ୍ୟରେ ଅନ୍ତତଃପକ୍ଷେ ୧୩ ହଜାର ପାଲେଷ୍ଟିନୀୟଙ୍କୁ ହତ୍ୟା କରି ସାରିଛି, ଯେଉଁମାନଙ୍କ ମଧ୍ୟରୁ ବିଶାଳ ସଂଖ୍ୟକ ହେଉଛନ୍ତି ମହିଳା ଓ ଶିଶୁ। କିନ୍ତୁ ସଙ୍ଗେ ସଙ୍ଗେ ଇସ୍ରାଏଲ ମଧ୍ୟ ନିଜର ପଣବନ୍ଦୀ ହୋଇଥିବା ନାଗରିକମାନଙ୍କୁ ମୁକୁଳାଇବା ପାଇଁ ହାମାସ୍ ସହିତ ଆଲୋଚନା ଆରମ୍ଭ କରିଥିଲା, ଯାହାର ପରିଣତି ସ୍ୱରୂପ ବର୍ତ୍ତମାନ ଏଇ ସର୍ତ୍ତରେ ଯୁଦ୍ଧ ବିରତି ସ୍ଥିର ହୋଇଛି । ସମ୍ପ୍ରତି କେତେକ ରିପୋର୍ଟ ଅନୁସାରେ ହାମାସ୍ ଦ୍ୱାରା ପ୍ରତି ୧୦ ଜଣ ଅତିରିକ୍ତ ଇସ୍ରାଏଲୀ ପଣବନ୍ଦୀଙ୍କ ମୁକ୍ତିର ପ୍ରତିବଦଳରେ ଯୁଦ୍ଧରେ ଦିନକ ପାଇଁ ଛାଡ଼ ମିଳିବ, ତଥା ଗାଜାରେ ଦିନକୁ ଛଅ ଘଣ୍ଟାର କାର୍ଯ୍ୟାନୁଷ୍ଠାନକୁ ବାଦ୍ ଦେଲେ ଇସ୍ରାଏଲୀ ସାମରିକ କାର୍ଯ୍ୟାନୁଷ୍ଠାନରେ ବିରତି ଘଟିବ। ତେଣୁ ବର୍ତ୍ତମାନ ହାମାସ୍ ବାହିନୀ ଓ ସେମାନଙ୍କ ରାଜନୀତିକ ଶାଖା ଉପରେ ନିର୍ଭର କରୁଛି, ସେମାନେ କେତେଦୂର ଏହାକୁ କାର୍ଯ୍ୟକାରୀ ହେବାକୁ ଦେବେ । ପରନ୍ତୁ, ଗାଜାର ଅଧିବାସୀମାନେ ଯେଉଁମାନେ କି ବୋମା ବର୍ଷା ଓ ରକେଟ୍ ମାଡ଼ରୁ ବର୍ତ୍ତି ଯାଇଛନ୍ତି, ସ୍ଥାନାନ୍ତରିତ ହୋଇଛନ୍ତି ଏବଂ ଖାଦ୍ୟ ସାମଗ୍ରୀ, ଜାଳେଣି ଓ ଜୀବନ ରକ୍ଷା କରିବା ନିମନ୍ତେ ଔଷଧ ପାଇବାରୁ ମଧ୍ୟ ବଞ୍ଚିତ ହୋଇଛନ୍ତି, ସେମାନେ ଚାହାନ୍ତି ଏକ ଦୀର୍ଘସ୍ଥାୟୀ ଯୁଦ୍ଧ ବିରତି। ପ୍ରାରମ୍ଭିକ ଅବସ୍ଥାରେ ଇସ୍ରାଏଲ 'ହାମାସ୍ ଆତଙ୍କବାଦୀ'ଙ୍କ ସହିତ କୌଣସି ପ୍ରକାରର କଥାବାର୍ତ୍ତା କରିବାକୁ ମନା କରି ଦେଇଥିଲା ଏବଂ ହାମାସ୍‌କୁ ସମୂଳେ ନିପାତ କରିବାକୁ ଶପଥ କରିଥିଲା । ଇସ୍ରାଏଲର ଏପରି କ୍ରୋଧକୁ ବୁଝିହୁଏ, କାରଣ ହାମାସ୍ ସେମିତି କାମ ହିଁ କରିଥିଲା। କିନ୍ତୁ ହିଂସାତ୍ମକ ପ୍ରତିଶୋଧ ନେବାକୁ ଯାଇ ଏହା ସାମୁହିକ ଭାବରେ ନିରୀହ ଗାଜାବାସୀଙ୍କ ଉପରେ ମଧ୍ୟ ଦଣ୍ଡ ବିଧାନ କରିଛି, ଯାହା ଆନ୍ତର୍ଜାତିକ ସମୁଦାୟକୁ ଚିନ୍ତିତ କରିବା ସ୍ୱାଭାବିକ । ଏଇ ଲଢ଼େଇ କାଳରେ ଇସ୍ରାଏଲର ଅନେକ ମନ୍ତ୍ରୀ କ୍ରୋଧ ଜର୍ଜରିତ ବିବୃତିମାନ ପ୍ରଦାନ କରିଥିଲେ, ଯାହା ମଧ୍ୟରେ ପରମାଣୁ ଅସ୍ତ୍ରର ପ୍ରୟୋଗ କରିବା କଥା ମଧ୍ୟ ସାମିଲ ଥିଲା । ତେବେ ଯୁଦ୍ଧ କରିବାର ଛଅ ସପ୍ତାହ ପରେ ସୁଦ୍ଧା ଇସ୍ରାଏଲ ଘୋଷଣା କରିଥିବା ଏହାର ଲକ୍ଷ୍ୟ ହାସଲ କରିବାଠାରୁ ଦୂରରେ ରହିଛି, ଯାହା ଏହାର ସାମରିକ କୌଶଳର ପ୍ରଭାବଶାଳୀତା ଉପରକୁ ପ୍ରଶ୍ନ ଉଠାଇଛି। ଏସବୁ ଭିତରେ ବିରୋଧାଭାସୀ, ଅଥଚ ଗୋଟିଏ ଦୃଷ୍ଟିରୁ ଆଶ୍ୱାସନାମୂଳକ କଥା ହେଉଛି, ରୁଷୀୟ ରାଷ୍ଟ୍ରପତି ଭ୍ଲାଦିମିର ପୁତିନ୍, ଯାହାଙ୍କ ସେନାବାହିନୀ ଗତ ୨୨ ମାସରୁ ଅଧିକ ସମୟ ଧରି ୟୁକ୍ରେନ୍‌ରେ ତାଣ୍ଡବ ଲୀଳା ରଟାଇବାରେ ବ୍ୟସ୍ତ ଅଛନ୍ତି, ଏବଂ ତାଙ୍କ ସହିତ ଚୀନ୍‌ର ରାଷ୍ଟ୍ରପତି ଜି ଜିନ୍‌ପିଙ୍ଗ୍ ଯେଉଁମାନେ କି ବିଶ୍ୱ ନେତୃବୃନ୍ଦଙ୍କ ମଧ୍ୟରେ ଅନ୍ୟତମ, ସେମାନେ ଯୁଦ୍ଧ ବିରତି ନିମନ୍ତେ ଆହ୍ୱାନ ଦେବାକୁ ଆହୂତ ବ୍ରିକସ୍‌ର ଏକ ବୈଠକରେ ଗାଜାରେ ଯୁଦ୍ଧ ବିରତି ଘଟାଇବା ସପକ୍ଷରେ କହିଥିଲେ। ସେମାନଙ୍କର ଦାୟିତ୍ୱବୋଧ ତାର୍କିକ ଭାବରେ ଇରାନ୍‌କୁ ଏବଂ ଏହାର ପ୍ରକ୍ତି ଭାବରେ କାର୍ଯ୍ୟ କରୁଥିବା ହେଜବୋଲ୍ଲାକୁ ଚେତାବନୀ ଦେବା ଉଦ୍ଦେଶ୍ୟରେ ବୋଲି ଗ୍ରହଣ କରାଯିବା ଉଚିତ ଯାହାର ଇସ୍ରାଏଲକୁ ଲକ୍ଷ୍ୟ କରି ଏହାକୁ ଉସୁକାଇବା ଭଳି ଲେବାନନ୍-ଇସ୍ରାଏଲ ସୀମାରେ ମିସାଇଲ୍ ଓ ରକେଟ୍ ମାଡ଼ କରିବା ଇସ୍ରାଏଲକୁ ଲେବାନନ୍‌ର ସୀମାନ୍ତବର୍ତ୍ତୀ ସହରମାନଙ୍କ ଉପରେ ଆକ୍ରମଣ କରିବାକୁ ଅନୁପ୍ରେରିତ କରିବା ଭଳି ମନେ ହେଉଥିଲା । ସେ ଯାହାହେଉ, ସମ୍ପ୍ରତି ଇସ୍ରାଏଲ ଏବଂ ହାମାସ୍ ସର୍ତ୍ତମୂଳକ ହେଲେ ସୁଦ୍ଧା ଯୁଦ୍ଧ ବିରତି ପାଇଁ ରାଜି ହେବା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ସମୟ ଉପଗତ ହୋଇଛି, ସେମାନେ ଏହି ପ୍ରସ୍ତାବକୁ ଆଗେଇ ନେବା ସହିତ ଏହାକୁ ସର୍ବକାଳୀନ ଯୁଦ୍ଧ ବିରତିରେ ପରିଣତ କରିବା ଉଚିତ । ଏଥିପାଇଁ ବିଶ୍ୱର ମହାଶକ୍ତିମାନେ ମଧ୍ୟ ଉଭୟ ପକ୍ଷଙ୍କୁ ଶାନ୍ତ କରାଇବାର ମହତ ଉଦ୍ୟମ କରିବା ବିଧେୟ, କାରଣ ଏ ଦୁଇ ପକ୍ଷଙ୍କ କଳିରେ ଅନେକ ନିରୀହ ଜନତା ବଳି ପଡୁଛନ୍ତି।

ବିଶ୍ୱକପ୍ ୨୦୨୩: ଏକ ଅଧୁରା ସ୍ୱପ୍ନ

ଶ୍ରୀବତ୍ସ ନାୟକ

କ୍ରିକେଟ ଇଭେଣ୍ଟର ସବୁଠାରୁ ବଡ ମହାକୁମ୍ଭ କୁହାଯାଉଥିବା ବିଶ୍ୱକପ୍‌ରେ ବିଜୟୀ ହେବା ସମସ୍ତ କ୍ରିକେଟ ଖେଳୁଥିବା ଦେଶ ପାଇଁ ଏକ ସ୍ୱପ୍ନ । ଯଦିଓ ଭାରତ କପିଳ ଦେବଙ୍କ ନେତୃତ୍ୱରେ ୧୯୮୩ ମସିହାରେ ଏବଂ ୨୦୧୧ ମସିହାରେ ମହେନ୍ଦ୍ର ସିଂ ଧୋନୀଙ୍କ ନେତୃତ୍ୱରେ ଦିନିକିଆ ବିଶ୍ୱକପ୍ ଜିତିବାର ସ୍ୱାଦ ଚାଖି ସାରିଛି ତଥାପି ଘରୋଇ ମାଟିରେ ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତ ତୃତୀୟ ଥର ପାଇଁ ବିଶ୍ୱକପ୍ ଚାମ୍ପିଅନ ହେବାର ଯେଉଁ ସ୍ୱପ୍ନ ଦେଖିଥିଲା ତାହା ଅଧୁରା ରହିଗଲା । ଘରୋଇ ମାଟିର ଷ୍ଟାଡିୟମରେ ଅତି ପରିଚିତ ପିଚ୍, ଚଳିତ ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟରେ ଅପରାଜିତ ରହି ଦାଦାଗିରି, ନିଜକୁ ସୁହାଇଲା ଭଳି ପିଚ୍, ଘରୋଇ ଦର୍ଶକଙ୍କ ପୂର୍ଣ୍ଣ ସମର୍ଥନ, ଦୃଢ଼ ଆତ୍ମବିଶ୍ୱାସ, ପ୍ରଧାନ ମନ୍ତ୍ରୀ, ରାଷ୍ଟ୍ରମନ୍ତ୍ରୀ, ସେଲିବ୍ରିଟ, କିମ୍ବଦନ୍ତୀ ଖେଳାଳୀ, ଶିଳ୍ପପତି, ପୁଞ୍ଜିପତି ମାନଙ୍କ ଦ୍ୱାରା ଲୋକାରଣ୍ୟ ଷ୍ଟାଡିୟମ୍, ଭାରତୀୟଙ୍କ ପୂଜାର୍ଚ୍ଚନା, ମାନସିକ, ଯାଚଞ୍ଚା ସତ୍ତ୍ୱେ ବି ଭାରତର ପରାଜୟ, ଫଳରେ ବିଶ୍ୱକପ୍ ବିଜୟୀ ହେବାର ଆଶା ନେଇ ଦେଶ ବ୍ୟାପୀ ଯେଉଁ ଆନନ୍ଦ, ଉତ୍ସାହ, ଉଦ୍ଦୀପନା, ଉନ୍ମାଦନା, ଉତ୍କଣ୍ଠା ଓ ଉଲ୍ଲାସର ମାହୋଲ ଦେଖାଦେଇଥିଲା ତାହା ଫିକା ପଡ଼ିଗଲା । ଅଷ୍ଟ୍ରେଲିଆର ରଣନୀତି ଆଗରେ ସମ୍ପୂର୍ଣ୍ଣ ଫେଲ୍ ମାରିଲା ଟିମ୍ ଇଣ୍ଡିଆ । ଆଶା ଆଶାରେ ରହିଗଲା। ନିରାଶ ହେଲେ ଭାରତୀୟ । ସ୍ୱପ୍ନ ଚୁରମାର ହେଲା । ଫାଇନାଲରେ ପୁଣି ଫେଲ୍ ମାରିଲା ଟିମ୍ ଇଣ୍ଡିଆ। ଶୁଭେଚ୍ଛା, ଶୁଭକାମନା, ମାନସିକ, ମନୋବଳ ବୃଦ୍ଧି ପାଇଁ ଭାରତୀୟ ବାୟୁ ସେନାର ପରାକ୍ରମ କିଛି କାମ ଦେଲାନି। ଖେଳର ଆରମ୍ଭ ଦମଦାର ଥିଲା କିନ୍ତୁ ଶେଷ ଠିକ୍ ଭାବେ ହୋଇପାରିଲା ନାହିଁ । କଙ୍ଗାରୁ ଦଳ ଉପରେ ବାଘ ସମ୍ପୂର୍ଣ୍ଣ ଆତ୍ମସମର୍ପଣ କଲା । ବଡ଼ ମ୍ୟାଚ୍‌ର ଚାପରେ ଚାପା ହେଲା ଭାରତ । ନକ୍ ଆଉଟ୍ ରେ ଭାରତର ପୁଣି ବିଫଳତା ପଦାକୁ ଆସିଲା । ଚଳିତ ବିଶ୍ୱକପ୍‌ର ଗ୍ରୁପ୍ ପର୍ଯ୍ୟାୟରେ ଅପରାଜିତା ରହି ପୁରା ସିରିଜ୍ ରେ ଦାଦାଗିରି କରୁଥିବା ଦଳ ଶେଷରେ ଧୂଳି ଚାଟିଲା । ଆତ୍ମ ବିଶ୍ୱାସ ଭରା ଭାରତ ଶେଷ ପରୀକ୍ଷାରେ ସମ୍ପୂର୍ଣ୍ଣ ଫେଲ । ଅଷ୍ଟ୍ରେଲିଆର ଯୋଜନାବଦ୍ଧ ଲଢ଼େଇ ଆଗରେ ଫିକା ପଡ଼ିଗଲା ଭାରତର ଖେଳ । ବିଶ୍ୱକପ୍ ଆରମ୍ଭରୁ ଆଧିପତ୍ୟ, ଲିଗ୍ ପର୍ଯ୍ୟାୟରେ ଅପ୍ରତିଦ୍ୱନ୍ଦ୍ୱୀ, ସେମିଫାଇନାଲରେ ଦମଦାର ବିଜୟ କିନ୍ତୁ ଫାଇନାଲରେ ଚିତ୍ ଫଟାଙ୍ଗ ମରିଥିଲା ଦଳ । ବିଶ୍ୱାସ ନହେଲେ ମଧ୍ୟ ଏହା ସତ୍ୟ । ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ଭାରତର ଖେଳାଳୀ ମାନେ ଗୋଟିଏ ପରେ ଗୋଟିଏ କୀର୍ତ୍ତିମାନ ରଚନା କରିଥିଲେ ମଧ୍ୟ ଦଳଗତ ପ୍ରଦର୍ଶନ ଆଧାରରେ ସଫଳତା ଆଣିବାରେ ବିଫଳ ହେଲେ। ଗ୍ରୁପ୍ ପର୍ଯ୍ୟାୟରେ ଭଲ ଖେଳିଥିଲେ ସୁଦ୍ଧା ଫାଇନାଲରେ ସେହିଭଳି ଖେଳ ପ୍ରଦର୍ଶନ ନକରିପାରି ପରାଜୟ ବରଣ କରିଥିଲା ଦଳ । ପଞ୍ଚାୟତରୁ ପାର୍ଲିଆମେଣ୍ଟ ସବୁଠି ଗୋଟିଏ ଚର୍ଚ୍ଚା ଭାରତର ବିଶ୍ୱକପ ପରାଜୟ । ସାଧାରଣରେ ଅନେକ ଚର୍ଚ୍ଚା, ଆଲୋଚନା, ସମାଲୋଚନା ଚାଲିଛି ଏହାକୁ ନେଇ । ଏହି ପରାଜୟକୁ ସହଜରେ ଗ୍ରହଣ କରି ହେଉନାହିଁ । ଘରୋଇ ମାଟିରେ ଦ୍ୱିତୀୟଥର ତଥା ଭାରତର ତୃତୀୟଥର ବିଶ୍ୱକପ୍ ଚାମ୍ପିଅନ ହେବା ଆଶା ଆଶାରେ ରହିଗଲା । ବେଳେବେଳେ ସମୟ ଏମିତି ଆସେ ଯେ ସବୁ ସ୍ୱପ୍ନ ଦୁଃସ୍ୱପ୍ନ ପାଲଟିଯାଏ । ଠିକ୍ ଯେମିତି ଭାରତୀୟଙ୍କ ପାଇଁ ଦୁଃସ୍ୱପ୍ନ ପାଲଟିଯାଇଥିଲା ବିଶ୍ୱକପ୍ ସ୍ୱପ୍ନ, ଯେତେବେଳେ କ୍ରିକେଟର ଫାଇନାଲ ମ୍ୟାଚ୍‌ରେ ଭାରତ, ଅଷ୍ଟ୍ରେଲିଆଠାରୁ ପରାଜୟ ବରଣ କଲା। ଗତ ନଭେମ୍ବର ୧୯ ତାରିଖରେ ବିଶ୍ୱକପର ଫାଇନାଲ ମ୍ୟାଚରେ ଭାରତ, ଅଷ୍ଟ୍ରେଲିଆଠାରୁ ପରାଜୟ ସହ ମଉଳି ଗଲା ବିଶ୍ୱ ଚାମ୍ପିଅନ ହେବାର ଆଶା । ପରିଶେଷରେ ଭାରତୀୟମାନେ ସ୍ତବ୍ଧ, ନିରାଶ ଓ ମର୍ମାହାତ ହେଲେ ।

ପୁରୁଷ ସିନିଅର କ୍ରିକେଟ ବିଶ୍ୱକପର ତ୍ରୟୋଦଶତମ ସଂସ୍କରଣ, ବିଶ୍ୱକପ୍ ୨୦୨୩ ଭାରତରେ ଆୟୋଜନ କରାଯାଇଥିଲା । କୋଲକତା, ମୁମ୍ବାଇ, ବାଙ୍ଗାଲୋର, ପୁନେ, ଲକ୍ଷ୍ନୌ, ଚେନ୍ନାଇ, ଦିଲ୍ଲୀ, ଧର୍ମଶାଳା, ହାଇଦ୍ରାବାଦ, ଅହମଦାବାଦ ଆଦି ଐତିହାସିକ ଷ୍ଟାଡିୟମରେ ବିଶ୍ୱକପ୍‌ର ମ୍ୟାଚ ଗୁଡ଼ିକ ଖେଳ ଯାଇଥିଲା । ରୋବିନ ରାଉଣ୍ଡ ପର୍ଯ୍ୟାୟରେ ଖେଳାଯାଇଥିବା ଏହି ସଂସ୍କରଣରେ ଆରମ୍ଭରୁ ଧମକାଦାର ପ୍ରଦର୍ଶନ କରିଥିଲା ଟିମ୍ ଇଣ୍ଡିଆ। ସିରିଜ ଆରମ୍ଭରୁ ହିଁ ଜଣା ପଡୁଥିଲା ଯେ ଏଥରର ଟିମ୍ ଇଣ୍ଡିଆ ଏକ ସନ୍ତୁଳିତ ଦଳ ଯାହା ବିଶ୍ୱକପ୍ ହାତେଇବା ପାଇଁ ପ୍ରବଳ ଦାବିଦାର ଥିଲା । ଗ୍ରୁପ୍ ପର୍ଯ୍ୟାୟରେ ୯ଟିରୁ ୯ଟିରେ ବିଜୟ ସହ ସେମିଫାଇନାଲରେ ନିଉଜିଲ୍ୟାଣ୍ଡ ବିପକ୍ଷରେ ଯେଉଁଭଳି ଦମଦାର ବିଜୟ ହାସଲ କଲା ମନେ ହେଉଥିଲା ଭାରତ ଏକତରଫା ଫାଇନାଲରେ ଅଷ୍ଟ୍ରେଲିଆକୁ ପରାସ୍ତ କରି ବିଶ୍ୱ ଚାମ୍ପିଅନ ହେବ । କିନ୍ତୁ ଫାଇନାଲରେ ଯାହା ଘଟିଲା ତାହା କେହି ସ୍ୱପ୍ନରେ ସୁଦ୍ଧା ଭାବିନଥିଲେ । ମ୍ୟାଚ୍‌ର ଆରମ୍ଭରୁ ଟସ୍ ହାରିବା ସହ ଲୟ ହରାଇ ସାରିଥିଲା ଟିମ୍ ଇଣ୍ଡିଆ । ଅପେକ୍ଷାକୃତ ଧିମା ଗ୍ରାଉଣ୍ଡ ସାଙ୍ଗକୁ ଦ୍ୱିତୀୟ ଇନିଂସରେ କାକର ପ୍ରଭାବକୁ ଆଖିଆଗରେ ରଖି ଅଷ୍ଟ୍ରେଲିଆ ଟସ୍ ଜିତି ଭାରତକୁ ପ୍ରଥମେ ବ୍ୟାଟିଂ କରିବା ପାଇଁ ଆମନ୍ତ୍ରଣ କରିଥିଲା । ଉଚ୍ଚହାରରେ ରନ୍ ସଂଗ୍ରହ କରିବା ଲକ୍ଷ୍ୟରେ ଭାରତର ଅଧିନାୟକ ରୋହିତ ଶର୍ମା ଆଉଟ୍ ହେବା ପରେ ଅଷ୍ଟ୍ରେଲିଆର ଆତ୍ମ ବିଶ୍ୱାସ ଦ୍ୱିଗୁଣିତ ହୋଇଯାଇଥିଲା । ରୋହିତ ଶର୍ମା ଜଣେ ଅଧିନାୟକ ଭାବେ ଫାଇନାଲ ମ୍ୟାଚରେ ବେପରୁଆ ସଟ୍ ସିଲେକ୍ସନ କରି ଅଯଥା ନିଜର ୱିକେଟ ପିଙ୍ଗି ଦେଇ ପରବର୍ତ୍ତୀ ବ୍ୟାଟ୍ସମ୍ୟାନ୍‌ଙ୍କ ଉପରେ ଚାପ ସୃଷ୍ଟି କରିଥିଲେ । ଜଣେ ଅଧିନାୟକ ତଥା ଦଳର ସିନିଅର ଖେଳାଳୀ ଭାବେ ଦଳକୁ ବିପଦରୁ ଉଦ୍ଧାର କରିବା ନିହାତି ଦରକାର। ପ୍ରଥମ ପାୱାର ପ୍ଲେରେ ଏକ ୱିକେଟ ପତନ ପରେ ବି ଧିମା ଗ୍ରାଉଣ୍ଡରେ ଉଚ୍ଚ ହାରରେ ସ୍କୋର ସଂଗ୍ରହ କରିବାର କିଛି ଦରକାର ନଥିଲା । ସିରିଜରେ ଚମତ୍କାର ଫର୍ମରେ ଥିବା ବିରାଟ କୋହଲି ଭଲ ଆରମ୍ଭ କରିଥିଲେ ମଧ୍ୟ ଏହାକୁ ବଡ଼ ସ୍କୋରରେ ପରିଣତ କରିପାରିନଥିଲେ। ଟପ୍ ଅର୍ଡର୍‌ର ବିଫଳତା ପରେ ମଧ୍ୟମ କ୍ରମର ଖେଳାଳୀମାନେ ଧିମା ଖେଳିଥିଲେ ଏବଂ ଅଷ୍ଟ୍ରେଲିଆର ସାଣିତ ବୋଲିଂଙ୍କ ଆଗରେ ତାସ ଘର ପରି ଭୁଶୁଡ଼ି ପଡ଼ିଥିଲା ଭାରତର ବ୍ୟାଟିଂ ଲାଇନ୍। ତାରକା ଖଚିତ ଖେଳାଳୀଙ୍କ ସହ ବିଶ୍ୱରେ ସବୁଠାରୁ ମଜଭୁତ ବ୍ୟାଟିଂ ଲାଇନ୍ କୁହାଯାଉଥିବା ଭାରତୀୟ ଦଳ ଅଷ୍ଟ୍ରେଲିଆର ଯୋଜନାବଦ୍ଧ ଆକ୍ରମଣର ଶିକାର ହୋଇଥିଲେ । ଫଳରେ ଆଶା ଠାରୁ ବହୁତ କମ୍ ସ୍କୋର, ୨୪୦ରନ୍‌ରେ ଭାରତର ପାଳି ଅଟକି ଯାଇଥିଲା । କମ୍ ସ୍କୋରରେ ମଧ୍ୟ ଭାରତୀୟମାନଙ୍କର ଆଶା ଥିଲା କି ସେମାନେ ନିଶ୍ଚିତ ବିଜୟୀ ହେବେ କିନ୍ତୁ ସମୟ ସାଥ ଦେଲାନି । ବୋଲିଙ୍ଗଠାରୁ ବ୍ୟାଟିଂ ଆହୁରି ଶକ୍ତିଶାଳୀ ଥିଲା ଅଷ୍ଟ୍ରେଲିଆ ଦଳର । ୬୪ ରନ୍ ରେ ୩ଟି ୱିକେଟର ପତନ ହୋଇଥିଲେ ମଧ୍ୟ ବ୍ୟାଟ୍ସମ୍ୟାନମାନଙ୍କ ଧର୍ଯ୍ୟପୂର୍ଣ୍ଣ ବ୍ୟାଟିଂ ଯୋଗୁଁ ଅଷ୍ଟ୍ରେଲିଆ ମ୍ୟାଚକୁ ଅତି ସହଜରେ ବିଜୟ ଲାଭ କରିବା ସହ ଷଷ୍ଠଥର ପାଇଁ ବିଶ୍ୱ ଚମ୍ପିଅନ ହୋଇଥିଲା । ଅଷ୍ଟ୍ରେଲିଆର ଉଭୟ ବ୍ୟାଟିଂ, ବୋଲିଙ୍ଗ ଓ କ୍ଷେତ୍ର ରକ୍ଷଣ ଖୁବ୍ ଉଚ୍ଚକୋଟୀର ଥିଲା । ଖେଳ ଏମିତି ଥିଲା ଯେ ମନେ ହେଉନଥିଲା ଏହା ଫାଇନାଲ ମ୍ୟାଚ ଭଳି । ଭାରତର ସମସ୍ତ ରଣନୀତି ଫେଲ ମାରିଲା । ଲଢ଼େଇ କରିବା ପାଇଁ ମଧ୍ୟ ସକ୍ଷମ ନଥିଲା ଭାରତ । ଶକ୍ତିଶାଳୀ ଅଷ୍ଟ୍ରେଲିଆ ପୁଣି ଥରେ ଶକ୍ତି ପ୍ରଦର୍ଶନ କରିଥିଲା । ଟିମ୍ ଇଣ୍ଡିଆକୁ ଧରାଶାୟୀ କରି ଏକତରଫା ବିଜୟ ଲାଭ କରିବା ସହ ଅଷ୍ଟ୍ରେଲିଆ ବିଶ୍ୱକପ୍ ଝାମ୍ପି ନେଇଥିଲା । ସେମିଫାଇନାଲ ପର୍ଯ୍ୟନ୍ତ ଭାରତର ସବୁକିଛି ଠିକ୍ ଠାକ୍ ଥିଲା । ସମୟ ବଦଳି ଗଲା। ବଦଳିଗଲା ସବୁକିଛି । ଭାରତର ସବୁ ରଣନୀତି ଫେଲ୍ ମାରିଲା । ୨୦୦୩ ଦିନିକିଆ ବିଶ୍ୱକପ୍ ଫାଇନାଲରେ ଅଷ୍ଟ୍ରେଲିଆଠାରୁ ପରାଜୟର ବଦଳା ନେବାପାଇଁ ପ୍ରସ୍ତୁତ ଥିଲା କିନ୍ତୁ ସମୟ ତାହା କରାଇ ଦେଲାନି । କେଉଁଠି ରହିଲା ତ୍ରୁଟି? କାହିଁକି ସୁନିଶ୍ଚିତ ବିଜୟ ହାତ ଛଡା କଲା ଭାରତ? କଣ ପାଇଁ ପରାଜୟ ବରଣ କଲା? ସମୀକ୍ଷା ଚାଲିଛି । ପରାଜୟର ଅନେକ କାରଣ ଥିଲେ ମଧ୍ୟ ବଡ଼ ମ୍ୟାଚ୍‌ର ଚାପ ପରାଜୟର ଏକ ପ୍ରମୁଖ କାରଣ ବୋଲି ବିବେଚନା କରାଯାଏ । ଇତିହାସକୁ ଲକ୍ଷ୍ୟ କଲେ ଏହା ଜଣାଯାଏ ଯେ ନକ୍ ଆଉଟ୍‌ରେ ଭାରତ ସର୍ବଦା ଚାପରେ ରହିଛି ।

(କ୍ରମଶଃ)

ବିହାରର ବର୍ଦ୍ଧିତ ସଂରକ୍ଷଣ ବିଲ୍

ଅଧ୍ୟାପକ ଗୋପବନ୍ଧୁ

ବିହାର ବିଧାନସଭାରେ ନୂତନ ସଂରକ୍ଷଣ ବିଲ୍ ଅନୁମୋଦିତ ହୋଇଛି। ବହୁ ପ୍ରତିବନ୍ଧକ ସତ୍ତ୍ୱେ ସେଠାରେ ଜାତିଭିତ୍ତିକ ଜନଗଣନା ଓ ସ୍ଥିତିଗତ ସର୍ଭେ ହୋଇଛି। ଏହା ବିଭିନ୍ନ ଜାତିର ସଂଖ୍ୟା ଏବଂ ଆନୁଷାଙ୍ଗିକ ସ୍ଥିତିକୁ ସ୍ପଷ୍ଟ କରିଛି। ଏହାରି ଆଧାରରେ ପରିବର୍ଦ୍ଧିତ ସଂରକ୍ଷଣ ବିଲ୍ ଆଗତ ହୋ

ପୁଲକିତ

ସପନ ବି ସତ ହୁଏ

ଡକ୍ଟର କୁମାର ବାବୁଲି

ରିଙ୍କି ଭାରି ଚଗଲିଟା, ମନକୁ ଯାହା ଆସିବ ତାହା କରିବ । ବୋଉ ଓ ମାଆ ଠାକୁର ପୂଜା କଲେ ସେବି ଠାକୁରଙ୍କୁ ପୂଜା କରିବ । ଧୂପ ଦେବ ଠାକୁରଙ୍କୁ ପ୍ରଣାମ କରିବ । ଜେଜେ ଧ୍ୟାନ କଲେ ସେବି ଧ୍ୟାନରେ ବସିଯିବ । ଏଣିକି ରିଙ୍କି ଟିକେ ବଡ଼ ହେଲାଣି । କୁନି ପାଟିରେ ଗୁଲୁ ଗୁଲିଆ କଥା ବେଶ ସୁନ୍ଦର ଲାଗୁଛି । ସବୁ କଥାରେ ଜିଦ୍ କରୁଛି କିଛି ଖାଉନି । ସବୁ ବେଳେ ପାଣିରେ ଚବର ଚବର ହେଉଛି ।

ନୂଆ ନୂଆ ପାଠ ପଢୁଛି ହେଲେ ସବୁ କଥା ବୁଝେ । ଏଇଟା କ'ଣ ସେଇଟା କ'ଣ ଜାଣିବା ପାଇଁ ବଡ଼ ମାନଙ୍କ ଠାରେ ବେଶ ରଗଡ଼ ଝଗଡ଼ କରେ । ନୂଆ କଥା ନୂଆ ଜିନିଷ ବିଷୟରେ ଜାଣିବା ପାଇଁ ତାର ବେଶ ଆଗ୍ରହ ।

ଥରେ ତାକୁ ଜ୍ୱର ହେଲା । ସ୍କୁଲ ଯାଇ ପାରିଲାନି । ଔଷଧ ଖାଇଲା ଦୁଇ ତିନି ଦିନ ଘରେ ଶୋଇଲା । ହେଲେ କିଛି ଲାଭ ହେଲା ନାହିଁ । ଶୋଇ ଶୋଇ ଠାକୁରଙ୍କୁ ଡ଼ାକେ ଭାବେ ମିଟୁ, ପାରା, ମିଉଁ, ଏମାନଙ୍କୁ ଜ୍ୱର ହେଲେ କ'ଣ କରନ୍ତି ? ବାବାତ କାହିଁ ମିଟୁକୁ କେବେ ଔଷଧ ଆଣି ଦିଅନ୍ତିନି । ଏମିତି କେତେ କଥା ଭାବୁ ଭାବୁ ଆଖି ତାର ନିଦେଇ ଯାଇଛି । ନିଘୋଡ଼ ନିଦରେ ଶୋଇ ଯାଇଛି । ଆଉ ସ୍ୱପ୍ନ ଦେଖୁଛି । ଅନ୍ଧାର ରାତି । ଚାରି ଆଡ଼େ ଶୂନ୍ ଶାନ୍ । ରିଙ୍କିକୁ ଟିକେ ଟିକେ ଡ଼ର ମାଡ଼ିଲା । ସେ ଆକାଶକୁ ଅନେଇଲା । ଦେଖିଲା । ବାଦଲ ଫାଙ୍କ ଦେଇ ପରିରାଣୀ ଓ ତାଙ୍କ ସାଙ୍ଗସାଥି ମାନେ ବାହାରିଲେ । ତୋଫା ଗୋରା ଚେହେରା ସାଙ୍ଗକୁ ଧବଫରଫର ଦୁଇଟି ଡ଼େଣା ହସ ହସ ମୁହଁ । ମୁଣ୍ଡରେ ସୁନା ମୁକୁଟ ଝଲମଲ । ଦେହରେ ସୁନା ଜରିଦିଆ ପୋଷାକ ।

ଆକାଶରୁ ଧିରେଧିରେ ଅହ୍ଲାଇ ରିଙ୍କି ଶୋଇଥିବା ଘର ଭିତରକୁ ପସି ଆସିଲେ । ରିଙ୍କି ସେମାନଙ୍କୁ ପ୍ରଣାମ କଲା । ତା ପରେ ପରୀ ରାଣୀ ତା ମୁଣ୍ଡକୁ ଆଉଁସି ଦେଇ ଫୁଲ ତୋଡ଼ାଏ ବଢ଼ାଇ ଦେଲେ । ସଫା ଧଳା ରଙ୍ଗର ଫୁଲ ଗୁଡ଼ିଏ । ରିଙ୍କି ସେ ଫୁଲ ଗୁଡ଼ିକୁ ଚିହ୍ନି ପାରୁ ନଥାଏ । ତେବେ ସେ ଫୁଲର ମହକ ତା ମନକୁ କିଣି ନେଉଥାଏ । ଏବେ ପରିରାଣୀ ଧିରେଧିରେ ତା ପିଠି ଥାପୁଡ଼େଇ ଦେଲେ । ରିଙ୍କି ଅନୁଭବ କଲା ସତେ ଯେପରି ତା ଦେହ ଭଲ ହୋଇଯାଇଛି । ସେ ଏବେ ସ୍କୁଲ ଯାଇ ପାରିବ । ଆଉ ଅଳ୍ପ ଦିନ ରହିଲା ପରୀକ୍ଷା, ପରୀକ୍ଷା ମଧ୍ୟ ସେ ଦେଇ ପାରିବ । ଖୁସିରେ ସେ ପରିରାଣୀଙ୍କୁ କୁଣ୍ଢାଇ ପକାଇଲା ।

ଏତିକି ବେଳେ ଜେଜେଙ୍କ ଡ଼ାକରାରେ ତା ନିଦ ଭାଙ୍ଗିଗଲା । ଜେଜେ ବିଛଣା କଡ଼ରେ ବସି ଥିଲେ । ରିଙ୍କି ତାଙ୍କୁ କୁଣ୍ଢାଇ ପକାଇଲା । କଣ କହିବ କିଛି ଭାବି ପାରୁ ନଥାଏ । ଖାଲି ବଲ ବଲ କରି ତାଙ୍କ ମୁହଁକୁ ଚାହିଁଥାଏ । ଜେଜେ କଥାଟା ବୁଝି ଗଲେ କହିଲେ କି ସପନ ଦେଖିଲୁ କିରେ ?

ରିଙ୍କି ଥମଥମ ହୋଇ ସବୁକଥା କହି ଗଲା । ଜେଜେ ଶୁଣିସାରି କହିଲେ - ବାଃ - ବଢ଼ିଆ ସପନତ । ହେଲେ ଏଥିରେ କିଛି କିଛି ସତ ମଧ୍ୟ ରହିଛି । ଜେଜେଙ୍କ କଥା ରିଙ୍କିକୁ କେମିତି କେମିତି ଲାଗିଲା । ତେଣୁ ସେ କହିଲା... ଜେଜେ .... ଏଇଟା ସପନ ପରା । ଏଥିରେ ସତ କ'ଣ ? ଫୁଲ ବାସନା ରୋଗ ଭଲ ହେଲାଣିନା ହେବ ? ଆକାଶ ତ ଆକାଶ ସେଇଠୁ ପରିରାଣୀ କେମିତି ଓହ୍ଲାଇବ ?

ଜେଜେ କହିଲେ - ସବୁ କଥା ସତ । ଏବେ ଆମ ବିଜ୍ଞାନ ଆଗେଇଛି । ଫୁଲ ବାସନାରେ ନାନାଦି ରୋଗ ଭଲ ହେଉଛି । ଆଉ କିଛି ବର୍ଷ ପରେ ଏହା ସାହାଯ୍ୟରେ ଆହୁରି ବଡ଼ ବଡ଼ ରୋଗ ଚିକିତ୍ସା ହୋଇ ପାରିବ । ସେହିପରି ପରିରାଣୀ ହେଲେ ମଣିଷ ଦେହ ଓ ଚଢ଼େଇର ଡ଼େଣାଥିବା ଜୀବଟିଏ । ଏମିତି ଜୀବଥିବା କଥା ଆମେ ବିଶ୍ୱାସ କରିବା କାରଣ ଏବେ ବୈଜ୍ଞାନିକ ମାନେ ଗାଈର ଦେହ ଓ ବାଘର ମୁହଁ ଥିବା ଜୀବ ସୃଷ୍ଟି କରିପାରୁଛନ୍ତି । ଆଜି କାଲି ସବୁ ସମ୍ଭବ ହେଲାଣି ।

ଜେଜେ ପାଟିରୁ କଥା ଛଡ଼ାଇ ନେଇ ରିଙ୍କି କହିଲା - ସବୁ କଥା ବିଶ୍ୱାସ ହେଲା ଯେ, ହେଲେ ଫୁଲ ବାସନାରୁ କ'ଣ ରୋଗ ଭଲ ହୋଇ ପାରିବ । ଜେଜେ ଟିକେ ହସି ଦେଇ କହିଲେ - ତେବେ ମନ ଦେଇ ଶୁଣ । ଜାଣିଛୁ ଫୁଲ ଦେହରେ ନାନାଦି ଅର୍କଥାଏ । ଗୋଲାପ, ମଲ୍ଲୀ ଆଦି ଫୁଲରୁ ତାହା ତିଆରି ହୋଇ ବିକ୍ରି ହୁଏ । ସେ ଗୁଡ଼ିଏ ସହଜରେ ବାଷ୍ପ, ହୋଇ ପବନରେ ମିଶିଯାଆନ୍ତି । ଆମ ନାକ ତାକୁ ବାରିପାରେ । ତେଣୁ, ତାହା ଆମକୁ ବାସେ । ଏହି ଅର୍କ ମାନଙ୍କର ଔଷଧ ତିଆରି ବୋଉ ରଖିଥିବା ଜୁଆଣି ଅର୍କ କଥା ତୁତ ଜାଣୁ ପେଟ ଯେତେ ଗୋଳମାଳ ହୋଇଥାଉ, ସେଥିରୁ କେଇ ଟୋପା ପଡ଼ିଗଲେ ସବୁ ଠିକ୍ ହୋଇଯାଏ । ଏଣୁ ଫୁଲ ବାସନାରେ ରୋଗ ଭଲ ନ ହେବ କାହିଁକି ?

ତୁ ତ ଦେଖୁଛୁ ଆମ ବାଡ଼ିରେ ଥିବା ବେଲ, ନାଲି ଚିରତା, ଭୂଇଁ କଖାରୁ, କଣ୍ଟାବାଇଗଣ, ଗୋବିନ୍ଦ ଗରୁଡ଼ ପୋକସୁଙ୍ଘା, ପାତାଳ ଗରୁଡ଼, ଦୁବ, ତୁଳସୀ, ବାତକୁମାରୀ, ଏସବୁ ଗଛର ଚେର, ଡ଼ାଳ, ଫୁଲ, ସବୁଦିନ ଲୋକେ ଔଷଧ ପାଇଁ ନେଇଯାଉଛନ୍ତି । ତୁମର ମନେଥିବ ଏଇ କେତେଦିନ ତଳେ ବାସନ୍ତି ଆଈ ଘର କୁକୁଡ଼ା ଭାଡ଼ିରେ ଉକୁଣି ହେଲେ ସେ ଆମ ବାଡ଼ିରେ ଥିବା ନଣ୍ଡା ବାଉଳି ନେଇ ତାଙ୍କ ଭାଡ଼ିରେ ରଖିଲେ - ସେ ଗଛର ବାସ୍ନାରେ କୁକୁଡ଼ାର ଉକୁଣି ସବୁ ପଳାଇ ଗଲେ । ସେଦିନ ତ ଟିଭିରେ ଦେଖିଲେ ବିଶଲ୍ୟକରଣୀ ବଳରେ କେମିତି ଲକ୍ଷ୍ମଣ ଜୀବନ ଫେରି ପାଇଲେ ।

ଏକଥା ରିଙ୍କି ମନକୁ ବେଶ ପାଇଲା । ଖୁସି ହୋଇ କହିଲା - ତେବେ ସେଇଥି ପାଇଁ କ'ଣ ରୋଗୀ ବିଛଣାରେ ଫୁଲ ପକାନ୍ତି ଓ ପାଖରେ ତୋଡ଼ା ରଖନ୍ତି ?

ଜେଜେ ତା କଥାରେ ଏକମତ ହୋଇ କହିଲେ - ହଁ - ବୋଧହୁଏ ସେଇଆ । ହେଲେ ଦେହ ଠାରୁ ମନ ପାଇଁ ବେଶୀ ଦରକାର କାରଣ ମନ ଭଲ ରହିଲେ ଦେହ ଆପେ ଆପେ ଭଲ ହୋଇଯାଏ । ଆଜିକାଲି ଦୁନିଆଁରେ ମନ ରୋଗୀଙ୍କ ସଂଖ୍ୟା ବଢ଼ି ଚାଲିଛି । ଏଥିରୁ ନାନାଦି ରୋଗ ବଢ଼ି ଚାଲିଛି । ରକ୍ତଚାପ ବଢ଼ିବା, ହୃଦରୋଗ ମୂଳରେ ମନ ରୋଗ ରହିଛି ବୋଲି ଡ଼ାକ୍ତର ମାନେ କହିଲେଣି । ଏହାକୁ ସବୁ ଫୁଲ ବାସ୍ନାରେ ଭଲ କରିହେବ । ତା ଛଡ଼ା ବଦ୍‌ହଜମୀ, ପାକସ୍ଥଳି ଘା, ଶ୍ୱାସ ଭଳି ରୋଗକୁ ଏହା ଉପଶମ କରୁଛି ।

ତାଙ୍କୁ ଆଉ କିଛି କହିବାକୁ ନଦେଇ ରିଙ୍କି ପଚାରିଲା - "ଏହା କେଉଁଠି ହେଉଛି" ? ଜେଜେ କହିଲେ ଅନେକ ଦେଶରେ ତେବେ ସେଥିରେ ଆଗୁଆ ଅଛନ୍ତି - ଜାପାନ, ଇଂଲଣ୍ଡ ଆଉ ଆମ ଦେଶ ।

ଆମ ଦେଶ କଥା ଶୁଣି ରିଙ୍କିର ଛାତି କୁଣ୍ଢେମୋଟ ହୋଇଗଲା । ଚାଦର ଖୋଲି ଦେଇ ଉଠିବସିଲା । ଜେଜେ ତାକୁ ତାଗିଦ୍ କରି ଶୋଇବାକୁ କହିଲେ - ହେଲେ ରିଙ୍କିର ସେଥିପ୍ରତି ନିଘା ନାହିଁ - କହିଲା - ଯାହାହେଉ, ଆମ ଦେଶରବି ଏ ନୂଆ କଥାଟା ହୋଇଛି । ହେଲେ ଜେଜେ - ଏଇ ଗଛ, ଲତା, ଫୁଲ, ଫଳ, ପାଇଁ ଆମ ଜୀବଜଗତ ବଞ୍ଚି ରହିଛି କିନ୍ତୁ ଏ କଥା ବୁଝିବି ନବୁଝିଲା ପରି ଲୋକମାନେ ଗଛ ଗୁଡ଼ିକୁ କାଟି କୁଟି ସଫା କରି ଦେଉଛନ୍ତି ।

ଜେଜେ କହିଲେ - ସୁନ୍ଦର କଥାଟେ ଜାଣିଛ ଆମେ ତ ବୁଢ଼ା ହେଲେଣି । ଆଜି ଅଛୁ କାଲି ନଥିବା ହେଲେ ତୁମେ ମାନେ କାଲିକୁ ବଡ଼ ହେବ । ତୁମେ ଯଦି ଏକଥାକୁ ବୁଝି ଲୋକ ମାନଙ୍କୁ ବୁଝାଇ ପାରିବ ତେବେ ଯାଇ ଆମ ପରିବେଶ ଠିକ୍ ରହିବ, ଠିକ୍ ସମୟରେ ବର୍ଷା ହେବ । ଖରା ବେଶୀ ହେବ ନାହିଁ । ଅଂଶୁଘାତର ଡ଼ର ମଧ୍ୟ ଦୂର ହୋଇଯିବ । ତେବେ ପିଲାମାନେ ଆଜିଠାରୁ କିଛି କିଛି ଗଛ ଲଗାଇବା ଉଚିତ୍ ।

ହଁ ଜେଜେ ମୁଁ ଗଛ ଲଗାଇବି । ମୋର ସାଙ୍ଗ ସାଥିମାନଙ୍କୁ ପରୀରାଣୀ କଥା କହିବି । ତୁମେ ଦେଖିବ ଆଉ କିଛି ଦିନ ପରେ ଆମ ଅଞ୍ଚଳ ଗଛଲତାରେ ପୁରି ଉଠିବ । ରିଙ୍କି ପାଟିରୁ ଏକଥା ଶୁଣି ଜେଜେ ତାକୁ କୁଣ୍ଢାଇ ପକାଇଲେ ।

+ଅଧକ୍ଷ-ବାଣୀପୀଠ ଓ ସଂପାଦକ-ଆମ ସୁନାଚାନ୍ଦ / କାକଳୀ, ବିବେକାନନ୍ଦ ବିହାର, ବଡସାହି, ମୟୂରଭଂଜ,
ମୋ: ୯୮୬୧୦୫୯୮୮୩

ସାହସୀ କୁନିଝିଅ

ନଗେନ୍ଦ୍ର ନାଥ ପଟ୍ଟନାୟକ

ସୁହାନୀ ଆଠବର୍ଷର ପିଲାଟେ ସିନା, କିନ୍ତୁ ଭାରି ସାହସୀ । ଖେଳକୁଦ ତାର ଭାରି ପସନ୍ଦ । ହେଲେ କଲୋନିର ତା ଭଳି କଅଁଳ ବୟସର ପିଲା କେହି ନଥିଲେ । ଅବଶ୍ୟ ତେର ଚଉଦ ସରିକି ବୟସର ଅନେକ ଝିଅ ଥିଲେ ।

ସେମାନଙ୍କ ଭିତରୁ ସୁହାନୀ ଯୋଉ ଝିଅ ସହ ସାଙ୍ଗ ହେବାକୁ ଯାଏ ସେ ତାକୁ ନିଜ ପାଖୁ ଭଗେଇ ଦିଏ । କହେ ତୁ ତ ଆଠ ବର୍ଷର ବକେଟ ପିଲା, ମୋର ତୁ କି ସଙ୍ଗାତୁଣୀ ହୋଇପାରିବୁ , ମୋ ସଙ୍ଗରେ ତୁ କଣ ଖେଳ ଖେଳିପାରିବୁ ?

ସୁହାନୀ କହେ - ଖେଳ ତ ଖେଳ, ସେ ବଡ ହେଉ କି ସାନ । ତୁମେ ମତେ ସଙ୍ଗରେ ଖେଳାଇ ଟିକେ ଦେଖ । ହେଲେ କଲୋନି ଝିଅପିଲାଏ ତା କଥା ପ୍ରତି ଟିକେ ଧ୍ୟାନ ଦିଅନ୍ତି ନାଇଁ । ଖାଲି ସେତିକି ନୁହେଁ, ବଡଝିଅମାନେ ସୁହାନୀକୁ ଭିନ୍ନ ଭିନ୍ନ ଉପାୟ ପାଂଚି ତୁଚ୍ଛାଟାରେ କଲବଲ କରିବାକୁ ଲାଗିଲେ ।

ସୁହାନୀ ଦିନେ ଖେଳପଡିଆରେ ଖେଳକୁଦରେ ମାତିଥାଏ, ଅଚାନକ କଲୋନି ଝିଅଙ୍କ ମନକୁ ଦୁଷ୍ଟବୁଦ୍ଧି ଜୁଟିଲା । କେହି ଜଣେ ସେମାନଙ୍କ କାନରେ ଫିସ୍‌ଫିସ୍ କରି କଣ କିଛି କହିଲାରୁ ସଭିଏଁ ଏକାବେଳକେ ଫେଁ କିନା ହସିଉଠିଲେ । ପୁଣି ସମସ୍ତେ ଖେଳପଡିଆରୁ ମୁଠେ ଲେଖାଁ ମାଟିବାଲି ନେଇ ଚୁପ୍‌କିନା ମିଳିମିଶି ସୁହାନୀ ମୁଣ୍ଡକେଶ ଉପରେ ଅଜାଡି ଦେଲେ । ସୁହାନୀକୁ ଭାରି ଖରାପ ଲାଗୁଥିଲା । କିନ୍ତୁ ସେ କହିଲା, ମୋର କିଛି ହୋଇନି । କାଇଁକି ନା ସେ ସେମାନଙ୍କ ସହିତ କଳିଝଗଡା ନୁହେଁ , ଦୋସ୍ତି କରିବାକୁ ଚାହୁଁଥିଲା । ଅନ୍ୟ ଝିଅପିଲାଙ୍କ ମାଆମାନେ ଏମିତି ମନ୍ଦ ଘଟଣାକୁ ଟିକେ ଦୂରରୁ ଲକ୍ଷ କରୁଥାନ୍ତି । ମାଆମାନେ ନିଜ ନିଜର ଝିଅଙ୍କୁ ଖୁବ୍ ଶୋଧାଶୋଧି କଲେ । ହେଲେ ସେମାନଙ୍କ ଉପରେ ମାଙ୍କ ଗାଳିର କୌଣସି ପ୍ରଭାବ ପଡିଲା ନାହିଁ । ସେଆଡେ ସୁହାନୀର ଏମିତି ହାଲତ୍ ବାବଦରେ ମାଆ ଯେତେବେଳେ ଜାଣିଲେ ରାଗରେ ନିଆଁବାଣ ହୋଇଗଲେ । ସେ ନାଲିଶ୍ କରିବାକୁ ଚାହୁଁଥିଲେ, ହେଲେ ସୁହାନୀ ମାଆକୁ ଅଟକାଇଦେଲା । ଏମିତି ସବୁ ଚାଲୁଥାଏ । ଦିନେ ମେଘଢଂକା ସଂଜକୁ ସୁହାନୀ ଖେଳକୁଦରେ ମାତିଗଲା । ସେତେବେଳ ଅଳ୍ପ ଦୂରରେ ଅନ୍ୟ ଝିଅମାନେ ମଧ୍ୟ ଅଲଗା ଅଲଗା ଖେଳ ବେଶ୍ ମଜାମସ୍ତିରେ ଖେଳୁଥାନ୍ତି । ଅଚାନକ ଆକାଶରେ କଳାହାଣ୍ଡିଆ ବଉଦ ଘୋଟିଆସିଲା । ଆଖିପିଛୁଡାକେ ଚାରିଆଡେ କାଳି ମଚ୍‌ମଚ୍ ଅନ୍ଧାର ମାଡିଆସିଲା । ପିଲାଏ ଜୀବନ ବିକଳରେ ଯିଏ ଯୁଆଡେ ପାଇଲେ ଧଇଁସଇଁ ହୋଇ ଦଉଡି ପଳେଇଲେ । ଦୁର୍ଯୋଗକୁ ଦୌଡିଦୌଡି ପଳାଇ ଯାଉଥିବା ବେଳେ ଅକସ୍ମାତ ଝିଅଟିର ଗୋଡ ଖସଡିଯିବାରୁ ଦାଲୁକରି ମୁହଁମାଡି ତଳେ ପଡିଗଲା । ଅନ୍ୟ ସାଥୀମାନେ ତାକୁ ଦେଖିଲେ ସିନା ହେଲେ ତା ଆଡୁ ମୁହଁ ଫେରାଇ ନେଲେ । ମୂଷଳଧାରାରେ ବର୍ଷା ଅଜାଡୁଥିବା ହେତୁ ସେମାନେ ତା ଆଡକୁ ସାହାଯ୍ୟର ହାତ ବଢାଇଲେ ନାଇଁ । କେବଳ କୁନିଝିଅ ସୁହାନୀ ତାକୁ ସାହାରା ଦେବା ଲାଗି ଅଂଟା ଭିଡିଲା । ଆଗକୁ ବଢିଲା । ବିଚାରୀ ଝିଅଟିକୁ ହାତକୁ ଧରି ତଳୁ ଉଠେଇଲା । ନିଜ କାନ୍ଧରେ ଝିଅର ହାତ ଯୋଡିକ ତୋଳିଧରି ଘରକୁ ବୋହିନେଲା । ଝଅଟିର ଦିହରେ ଶକ୍ତ ଆଘତ ଲାଗିଛି ବୋଲି ଜଣାପଡିଲା । ତା ମାଆ ବାପା ଘରେ ନ ଥିଲେ । ଯାହାହଉ ସୁହାନୀ ଘର ଭିତରୁ ଫାଷ୍ଟ ଏଡ୍ ବାକ୍ସଟା ଖୋଜିଲୋଡା କରି ବାହାର କଲା । ମାଡ ହୋଇଥିବା ଜାଗାରେ ମଲମ ଲଗେଇ ଚରୁଡାଏ ସଫାକନାରେ ବାନ୍ଧିଦେଲା । ଏସବୁ ଦେଖୁଥିବା ସେ ଝିଅଟି ସୁହାନୀ ପ୍ରତି ନିଜର ଦୁର୍ବ୍ୟବହାର ନେଇ ଖୁବ୍ ମନସ୍ତାପ କଲା । ଖରାପ ବ୍ୟବହାର ପାଇଁ ଝିଅଟି ସୁହାନୀକୁ ମାଫି ମାଗିଲା । ବାକି ଅନ୍ୟ ଝିଅମାନେ ଏଥର ବେଶ୍ ବୁଝିଗଲେ ଯେ, ସୁହାନୀ ଦୁଇ ଚାରିବର୍ଷ ସାନ ହେଲେ କଣ ହେବ ସେ କିନ୍ତୁ ଭାରି ସାହସୀ ଆଉ ବୁଦ୍ଧିମତୀ ।

ଏବେ ସୁହାନୀ ସମସ୍ତଙ୍କର ପ୍ରିୟ ସଙ୍ଗାତୁଣୀ ବନିଗଲା ।

+ ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ, ଓଡିଶା ସରକାର
ଓସ୍କାର ସିଟି, ଲକ୍ଷ୍ମୀସାଗରେ କେନାଲ ରୋଡ୍, ଭୁବନେଶ୍ୱର
ମୋ-୯୪୩୮୩୩୨୧୩୮

କହିଲ ଦେଖି

ସୁନୀଲ କୁମାର ପ୍ରଧାନ

ମାସ ମାନଙ୍କରେ ଅଟଇ ଶ୍ରେଷ୍ଠ
ହରିଙ୍କ ନାମରେ କଟଇ ରିଷ୍ଟ
ଧର୍ମ ମାସ ବୋଲି ଲୋକେ କହନ୍ତି
କୁହ କୁହ ପିଲେ ଦେଇଣ ମତି ।
ଉତ୍ତର - କାର୍ତ୍ତିକ ମାସ
ଦୁଇ ଗୋଟି ତାର ଆଖି ରହିଛି
ହାତ ଦେଲେ ସିଏ ଶବ୍ଦ କରୁଛି
ସବୁଠାରେ ସିଏ ଶୋଭା ପାଉଛି
କୁହ କୁହ ତାର ନାମକୁ ବାଛି ।
ଉତ୍ତର - ମୃଦଙ୍ଗ

ଗାଆଁ ପିଣ୍ଡାରେ ଏକାଠି ହୋଇ
ପଣ୍ଡିତ ପଢନ୍ତି ମନକୁ ଦେଇ
ଶୁଣିଲେ ସଭିଏଁ ହୁଅନ୍ତି ଖୁସି
କିଏ ସେ କହିବ ଉତ୍ତର ବାଛି ।
ଉତ୍ତର - କାର୍ତ୍ତିକ ପୁରାଣ
ଲମ୍ୱା ବାଉଁସଟେ ହୋଇଛି ଠିଆ
ତାହାରି ଉପରେ ଏକ ମାଠିଆ
ଦଉଡି ସାଥିରେ ଆକାଶେ ମିଶେ
ସନ୍ଧ୍ୟା ହୋଇଗଲେ ଆଲୋକ ଦିଶେ ।
ଉତ୍ତର - ଆକାଶ ଦୀପ

+ଝାଟିପଦର, ପାଲୁର , ଗଂଜାମ
ମୋ -୭୬୦୯୯୩୪୩୬୬

ଶରତ ଆସିଲେ

ଶିବ ପ୍ରସାଦ ବାହିନୀପତି

ଶରତ ଆସିଲେ ଧରାକୁ ଓହ୍ଲେଇ
କାଶତଣ୍ଡୀ ପୁଷ୍ପେ ହସୁଥାଏ ମହୀ ।
ହସେ ପାରିଜାତ ହେନା ଜୂଇ ଜାଇ
ଶେଫାଳୀ କୁସୁମ ବାସ ଚହଟଇ ।

ମୃଦୁମନ୍ଦ ବାଆ ପଡୁଥାଏ ଝରି
ଶୀତଳ ସମୀର ମନ ନିଏ ହରି ।
ନଥାଏ ବରଷା ନଥାଏ ତ ଝଡ଼ି
ପୀତ ଜହ୍ନିଫୁଲ ହସେ ଖିଲିଖିଲି ।

ଖଣ୍ଡି ଧଳାମେଘ ଅମ୍ବର ପ୍ରଦେଶେ
ଭାସିବୁଲେ ବହୁତ ସୁନ୍ଦର ଦିଶେ ।
ଶସ୍ୟ ଶ୍ୟାମଳା ମହୀ ଆନନ୍ଦେ ହସେ
ନଦୀ ପୋଖରୀ ଜଳ ନିର୍ମଳ ଦିଶେ ।

ଦୂର ଦିଗ୍‌ବଳୟେ ପଶ୍ଚିମାକାଶେ
ଅସ୍ତଗାମୀ ଭାସ୍କର ଶୋଭା ପରଷେ ।
ସ୍ୱଚ୍ଛ ପରିମଳ ଶରତ ଆକାଶେ
ଶଶଲାଞ୍ଛିତ ଶୁଭ୍ର ଜୋଛନା ବର୍ଷେ ।

ଜଳେ ହସଇ କୌମାରୀ ନୀଳ କଇଁ
ଏକଲୟେ ତା'ର ପ୍ରେମିକକୁ ଚାହିଁ ।
ମଥା ହଲେଇ ଜଳେ ଡାକଇ ସେହି
ମୋ' ପାଶେ ପ୍ରିୟ ତୁମେ ଆସ ଓହ୍ଲେଇ ।

ଭାଦ୍ରବ ଆଶ୍ୱିନ ଦୁଇଗୋଟି ମାସ
ଶରତ ଆସୁଥାଏ ପ୍ରତି ବରଷ ।
ଧରାରେ ଓହ୍ଲାନ୍ତି ଶ୍ରୀମାନ ଗଣେଶ
ଷଷ୍ଠୀ ଓଷାରେ ଖେଳିଯାଏ ଉଲ୍ଲାସ ।

ଭାଦ୍ରବ ମାସେ ପଡ଼େ ଅନନ୍ତ ବ୍ରତ
ଶରତେ ଏଇ ପର୍ବ ଅଟେ ବିଖ୍ୟାତ ।
ବଡ଼ ଧାର୍ମିକ ଏଇ ଋତୁ ଶରତ
ସ୍ୱଚ୍ଛ ସୁନିର୍ମଳ ଦିଶଇ ଜଗତ ।

ଶରତ ଆଣିଛି ସାଥିରେ ତାହାର
ଶାରଦୀୟ ଦୁର୍ଗାପୂଜାର ସମ୍ଭାର ।
କୁମାର ପୂର୍ଣ୍ଣିମା ପୂଜା ଉପହାର
ଋତୁକୁ କରଇ ସବୁଠୁ ସୁନ୍ଦର ।

ଶରତ ଋତୁ ଯେବେ ବିଦାୟ ନେବ
ଯେତେ ପୂଜା ପାର୍ବଣ ଫିକା ପଡ଼ିବ ।
ହେମନ୍ତ ଋତୁ ଯେବେ ହେବ ପ୍ରବେଶ
ଧିରେ ପାଦ ପକେଇ ବଢ଼ିବ ଶୀତ ।

ସମ୍ପାଦକ - ଉଦୟ ଭାନୁ
ଭାଟପଡ଼ା, ନିରାକାରପୁର, କଣାସ, ପୁରୀ

ମାମୁନିର ସ୍ୱରବର୍ଣ୍ଣ

ଲତିକା ମହାପାତ୍ର

ଅ ରେ ଅରଟ, ଅ ରେ ଅକଲ
ଆ ରେ ଆକାଶ ଆ ରେ ଆୟିଳ
ଇ ରେ ଇସ
ଇ ମା ତୋର ହେଲା କିସ
ହା ହା ହା
ଈ ରେ ଈଶ୍ୱର
ଈ ପଶିଗଲା ଆଈ କୋଳରେ
ଉ ରେ ଉଆସ
ଉ ଉଡ଼ିଗଲା କାଉ ପିଠିରେ..

ହା ହା ହା ହା ହା
ଋତୁ ମାନେ ପରା ଛଅ ଭଉଣୀ ଲୋ
ହାତରେ ହାତ କୁ ଛନ୍ଦି
ଋଣ ରୋଗ ଅଟେ ବଡ଼ ବିପଦଲୋ
ମୁଣ୍ଡ ମୋ ଦେଲାଣି ବିନ୍ଧି
ଋତ ବଚନ ବେଦ ବାଣୀ ଧନ
ମନରେ ରଖିଥା ବାନ୍ଧି
ଋତହରିଙ୍କୁ ପୂଜୁଥିଲେ ନିତି
ଭବ ବନ୍ଧନେ ହେବାନି ଛନ୍ଦି
ଏ ରେ ଏଣ୍ଡୁଅ ଏ ରେ ଏରୁଣ୍ଡି
ଡେଇଁ ଡେଇଁ କିରି ଆସ
ଐରାବତ ଆସେ ପାହୁଣ୍ଡ ପକାଇ
ଓଳି ତଳେ କିଆଁ ବସ ?

ଓଲଟା ପାଲଟା କୁହ ନାଇଁ କଥା
ଘୁରି ଯାଉଛି ମୋ ମଥା
ଔଷଧ ପାଇଁ ଧାଇଁ ଯାଅ ଟିକେ
ସହି ପାରୁନାଇଁ ବଥା ।

+ତାଳଚେର

କବିତା

ତୁମ ପାଇଁ

କେବେ ତ ହାରିବି ନାହିଁ

ଶରତ କୁମାର ଦାସ

କରୁଛି ଶପଥ ହେବିନି ବିପଥ
ସୁନାପିଲାଟିଏ ହେବି,
କରି ଭଲ କାମ ସବୁରି ଆଖିରେ
ସପନ ମୁଁ ଭରିଦେବି ।
ହସି ହସାଇବି ସାରା ଜଗତକୁ
ଝାରିବିନି କେବେ ଲୁହ,
ଦୁଃଖ ବଦଳରେ ସାଉଁଟିବି ସୁଖ
ବହିବ ଖୁସିର ସୁଅ ।
ଲୁହା ପରି ଟାଣ କରିବି ମନକୁ
ଚାଲିବି ସାହାସ ଭରି,
ଯେତେ ଥିଲେ ଥାଉ କଂଟା ମୋ ବାଟରେ
ଯିବ ସବୁ ଅପସରି ।
ପରକୁ ଭାବିବି ଅତି ଆପଣାର
ସିନିହ ଶରଧା ଢାଳି,
ମଧୁର ଭାଷାରେ କରିବି ନିଜର
ଭେଦଭାବ ଦେବି ଜାଳି ।
ପାଠପଢି ନୂଆ କଥା ଜାଣିବି ମୁଁ
କେବେ ତ ହାରିବି ନାହିଁ,
ଜହ୍ନମାମୁ ସାଥେ ବସିବି ମିତ
ଆକାଶକୁ ଉଡି ଯାଇ ।
ନିତି ହାତ ଦେବି ନୂଆ ନୂଆ କାମେ
ଫୁଲ ତ ପଡିବ ଝଡି,
ଏଇ ଧରା ବୁକେ କେତେ ସରାଗରେ
ସରଗ ଦେବି ମୁଁ ଗଢି ।
ଭଲ ମଣିଷଟି ହେବି ମୁହିଁ ଦିନେ
ନ ଥିବ ତ ହିଂସା ରାଗ,
ସବୁରି କାନରେ ଫୁଙ୍କିବି ମନ୍ତର
କହିବି ଜାଗରେ ଜାଗ ।

+ଅଧାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ,ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

ଶୀତ ଆସିଲା

ଜଗନ୍ନାଥ ନାୟକ

ଶୀତ ଆସିଲା ଶରତ ଗଲା
ଧରଣୀ ରାଣୀ ସଜେଇ ହେଲା
ରଙ୍ଗ ବେରଙ୍ଗ ଫୁଲ ଫୁଟିଲା
ପ୍ରଜାପତିର ମେଳା ଚାଲିଲା ।

ଧାନ କ୍ଷେତରେ ପାଚିଲା ଧାନ
ଖୁସିରେ ନାଚ

ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳା: ଓଡିଶା ପାଭିଲିୟନରେ ପ୍ରତିବିମ୍ବିତ ହେଉଛି ମହିଳା ସଶକ୍ତିକରଣର ଚିତ୍ର ଓ ଚରିତ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର, ୨୨/୧୧ (ନି.ପ୍ର): ଓଡିଶାର ମହିଳାମାନଙ୍କୁ ସ୍ୱରୋଜଗାରୀ ଓ ସ୍ୱାବଲମ୍ବୀ କରିବା ସହିତ ସମାଜରେ ସେମାନଙ୍କୁ ଏକ ସମ୍ମାନଜନକ ପରିଚୟ ପ୍ରଦାନ କରିବାକୁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ପ୍ରେରଣାଦାୟୀ ନେତୃତ୍ୱରେ ୨୦୦୮ ମସିହାରେ ଗଠିତ ମିଶନ ଶକ୍ତି ଆଜି ଏକ ମହାଦ୍ରୁମରେ ପରିଣତ ହୋଇଛି । ମିଶନ ଶକ୍ତି ଅଧୀନରେ ସୁସଂଗଠିତ ୬ ଲକ୍ଷ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାଧ୍ୟମରେ ରାଜ୍ୟର ୭୦ ଲକ୍ଷ ମହିଳା ଆର୍ଥିକ ଦୃଷ୍ଟିରୁ ସଶକ୍ତ ହେବା ସହିତ ସେମାନଙ୍କ ପରିବାର ମଧ୍ୟ ଆର୍ଥିକ ଦୃଷ୍ଟିକୋଣରୁ ସ୍ୱଚ୍ଛଳ ହୋଇପାରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଆନ୍ତରିକ ଉଦ୍ୟମ କ୍ରମେ ରାଜ୍ୟର ମହିଳାମାନେ କେବଳ ସଶକ୍ତ ହୋଇନାହାନ୍ତି, ବରଂ ଆଜି ସେମାନେ ମହିଳା ଉଦ୍ୟୋଗୀରେ ପରିଣତ ହୋଇଛନ୍ତି । ଯାହାର ପ୍ରତିଫଳନ ଭାରତ ଅନ୍ତର୍ଜାତୀୟ ବାଣିଜ୍ୟ ମେଳାର ଓଡିଶା ପାଭିଲିୟନ ଦେଖିବାକୁ ମିଳିଛି । ପାଭିଲିୟନର ୫ ନମ୍ବର ଷ୍ଟଲରେ ଜଗତସିଂହପୁର ଜିଲ୍ଲାର ପ୍ରଗତି କାଇଁଚ ଉତ୍ପାଦକ ଗୋଷ୍ଠୀ ଦ୍ୱାରା କାଇଂଚରୁ ପ୍ରସ୍ତୁତ ବିଭିନ୍ନ ଗୃହସଜ୍ଜା, ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଓ ଡବା/ବାକ୍ସ ଏବଂ ବାଲେଶ୍ୱର ଜିଲ୍ଲାର ବିଜୟିନୀ ଉତ୍ପାଦକ ଗୋଷ୍ଠୀ ଦ୍ୱାରା ଝୋଟରୁ ପ୍ରସ୍ତୁତ ଲାପଟପ ବ୍ୟାଗ, ମହିଳାମାନଙ୍କ ପାଇଁ ସୁନ୍ଦର ଡିଜାଇନର ଭ୍ୟାନିଟି ବ୍ୟାଗ ଓ ମନିପର୍ସ ମିଳୁଥିବାବେଳେ ୬ ନମ୍ବର ଷ୍ଟଲରେ ମୟୂରଭଞ୍ଜ ଜିଲ୍ଲାର ମାତୃଶକ୍ତି ଉତ୍ପାଦକ ଗୋଷ୍ଠୀ ଦ୍ୱାରା ରେଶମ ସୂତାରୁ ପ୍ରସ୍ତୁତ ଅଳଙ୍କାର ଏବଂ ମା'ଅନ୍ଧାରୀବୁଢୀ ଉତ୍ପାଦକ ଗୋଷ୍ଠୀ ଦ୍ୱାରା ସବାଇ ଘାସରୁ ପ୍ରସ୍ତୁତ ବିଭିନ୍ନ ଆକାରର ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଓ ଡବା/ବାକ୍ସ ଆଦି ମିଳୁଛି । ଅନୁରୂପ ଭାବେ, ଓଡିଶା ପ୍ରସିଦ୍ଧ ସୁନ୍ଦର ସୁନ୍ଦର ଡୋକ୍ରା କାରୁକାର୍ଯ୍ୟ ସାମଗ୍ରୀ ପ୍ରସ୍ତୁତ କରିଥିବା ମୟୂରଭଞ୍ଜ ଜିଲ୍ଲାର ଜୟ ମା'ଦୁର୍ଗା ଉତ୍ପାଦକ ଗୋଷ୍ଠୀ ଏବଂ ଟସର ହସ୍ତତନ୍ତ ଓ ବୟନ ପାଇଁ ପ୍ରସିଦ୍ଧ ଯାଜପୁର ଜିଲ୍ଲାର ଓମ୍ ଶାନ୍ତି ଟସର ହସ୍ତତନ୍ତ ଉତ୍ପାଦକ ଗୋଷ୍ଠୀ ଦ୍ୱାରା ଉଭୟ ମହିଳା ଓ ପୁରୁଷଙ୍କ ପାଇଁ ପ୍ରସ୍ତୁତ ଟସର ବସ୍ତ୍ର ୭ ନମ୍ବର ଷ୍ଟଲରେ ମିଳୁଥିବାବେଳେ ୮ ନମ୍ବର ଷ୍ଟଲରେ ବଲାଙ୍ଗୀର ଜିଲ୍ଲା ପ୍ରଗତି ଉତ୍ପାଦକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ହସ୍ତତନ୍ତ ବସ୍ତ୍ର ଏବଂ ନବରଙ୍ଗପୁରର ମା'ବନଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପ୍ରସ୍ତୁତ ଜନଜାତି ଅଳଙ୍କାର ମିଳୁଛି । ପାଭିଲିୟନର ୯ ନମ୍ବର ଷ୍ଟଲରେ କନ୍ଧମାଳ ଜିଲ୍ଲାରେ ଉତ୍ପାଦିତ ହଳଦୀ, ସୋରିଷ, ମସଲା ଆଦି ଜୈବିକ କୃଷିଜାତ ପଦାର୍ଥର ପ୍ରକ୍ରିୟାକୃତ ସାମଗ୍ରୀ ଜିଲ୍ଲାର ମାତୃଶକ୍ତି ଉତ୍ପାଦକ ଗୋଷ୍ଠୀ ଉପଲବ୍ଧ କରୁଛନ୍ତି । ମିଶନ ଶକ୍ତିର ଷ୍ଟଲଗୁଡିକରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ସେମାନଙ୍କ ପାରମ୍ପାରିକ ପୋଷାକରେ ରହୁଥିବାରୁ ଦର୍ଶକମାନେ ସେମାନଙ୍କ ଉତ୍ପାଦ ଉପରେ ଆସ୍ଥା ପ୍ରକଟ କରୁଛନ୍ତି । ୨୧ ତାରିଖ ସୁଦ୍ଧା ପାଭିଲିୟନର ୫ଟି ମିଶନ ଶକ୍ତି ଷ୍ଟଲ ୮୦ ହଜାର ଟଙ୍କାର ବ୍ୟବସାୟ କରିଛି । ୧୪ ତାରିଖରୁ ୨୧ ତାରିଖ ମଧ୍ୟରେ ଓଡିଶା ପାଭିଲିୟନକୁ ପାଖାପାଖି ୧ ଲକ୍ଷ ଲୋକ ଆସିଥିବାବେଳେ ୩୧ ଲକ୍ଷରୁ ଉର୍ଦ୍ଧ୍ୱର୍ ଟଙ୍କାର ବ୍ୟବସାୟ ହୋଇଛି ବୋଲି ପାଭିଲିୟନ ନିର୍ଦ୍ଦେଶକ ସୂର୍ଯ୍ୟ ରଞ୍ଜନ ମହାନ୍ତି ପ୍ରକାଶ କରିଛନ୍ତି ।

ପାଣିକୋଇଲି ସତ୍ୟସାଇ ଭଜନ ମଣ୍ଡଳୀ ପକ୍ଷରୁ ୯୮ତମ ଜୟନ୍ତୀ ଉତ୍ସବ

କୋରେଇ, ୨୩/୧୧ (ନି.ପ୍ର): ପାଣିକୋଇଲି ସତ୍ୟସାଇ ଭଜନ ମଣ୍ଡଳୀ ପକ୍ଷରୁ ଓଚିନ୍ଦା ରୋଡରେ ଥିବା ସାଇ ମନ୍ଦିର ପରିସରରେ ୯୮ତମ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପ୍ରାତଃରୁ ଓକାରମ, ସୁପ୍ରଭାତମ, ନଗର ସଙ୍କୀର୍ତନମ, ପରେ ଷୋଡଶ ଉପଚାର ପୂଜା, ଲକ୍ଷାର୍ଚ୍ଚନା, ଚତୁର୍ଥ ସଙ୍କଳ୍ପିତ ଭଜନ, ପ୍ରତୀମା ସେଠୀ ଓ ସନ୍ଧ୍ୟାରାଣୀ ବେହେରାଙ୍କ ଦ୍ୱାରା ସାଇ ଅନୁଭୂତି, ନିରୁପମା ପଣ୍ଡାଙ୍କ ଦ୍ୱାରା ଭକ୍ତି ସଂଗୀତ ଗାନ କରାଯାଇଥିଲା । ମୁଖ୍ୟ ଅତିଥିଭାବେ ଯାଜପୁର ଜିଲ୍ଲା ପୁଲିସ ଡେପୁଟି ସୁପରିଟେଣ୍ଡେଣ୍ଟ ପ୍ରଭାତ କୁମାର ବିଶ୍ୱାଳ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଧର୍ମାନନ୍ଦ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସୁକାନ୍ତ ପ୍ରଧାନ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅଧ୍ୟାତ୍ମିକ ପ୍ରଶ୍ନୋତର କାର୍ଯ୍ୟକ୍ରମ ପରେ ଅମୃତ କଳସ ଦାନ ଓ ନାରାୟଣ ସେବା କାର୍ଯ୍ୟକ୍ରମ କରାଯାଇଥିଲା । ମଙ୍ଗଳ ଆରତୀ ସହ ସମୂହ ପ୍ରସାଦ ସେବନ କରାଯାଇଥିଲା । ସନ୍ଧ୍ୟାରେ ଭଗବାନଙ୍କୁ ୯୮ଟି ଦୀପ ଅର୍ପଣ ଓ ବେଦପାଠ ପରେ ଚତୁର୍ଥ ସଙ୍କଳ୍ପିତ ଭଜନ, ଜନ୍ମଦିନର ଶୁଭେଚ୍ଛା ସଂଗୀତ ବାଲ ବିକାଶ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ସଂଗୀତ, ନୃତ୍ୟ ଓ ନାଟକ ସାଇ ପରମେଶ୍ୱର ଅନୁଷ୍ଠିତ ହୋଇଥିଲା । ସନ୍ଧ୍ୟାରେ ମଙ୍ଗଳ ଆଳତୀ କରାଯାଇ କାର୍ଯ୍ୟକ୍ରମ ସମାପନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଲତିକା ପୃଷ୍ଟି, ସୁରେନ୍ଦ୍ର ସେଠୀ, ବିଦ୍ୟାଧର ଦାସ, ନରୋତମ ଓଝା, ଧର୍ମାନନ୍ଦ ସାହୁ, ସୁକାନ୍ତ ସାହୁ, ସନ୍ତୋଷ ମହାକୁଡ, ସୁଧାଂଶୁ ବାରିକଙ୍କ ସମେତ ପାଣିକୋଇଲି ସାଇ ଭଜନ ମଣ୍ଡଳୀର ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

କୁଡୁମୁଲୁଗୁମ୍ଫା ଡିଗ୍ରୀ ମହାବିଦ୍ୟାଳୟରେ ଯୁବ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ

ମାଲକାନଗିରି, ୨୩/୧୧ (ନି.ପ୍ର): କୁଡୁମୁଲୁଗୁମ୍ଫା ସ୍ଥିତ ଡାରଉଇନ ସ୍ମାରକୀ ସ୍ନାତକ ମହାବିଦ୍ୟାଳୟ ପରିସରରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ଗତକାଲି ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ଉପ ଜିଲ୍ଲାପାଳ ଡ. ଅକ୍ଷୟ କୁମାର ଖେମୁଣ୍ଡୁ ଯୋଗ ଦେଇଥିଲା ବେଳେ ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଜିଲ୍ଲା ଯୁବ ବିକାଶ ର ସ୍ୱତନ୍ତ୍ର ଅଧିକାରୀ ଡ଼. ରଞ୍ଜନ କୁମାର ସ୍ୱାଇଁ, ମହାବିଦ୍ୟାଳୟର ଅଧକ୍ଷ ଅଶୋକ କୁମାର ପ୍ରଧାନ, ମହାବିଦ୍ୟାଳୟ ର ନୋଡାଲ ଅଧିକାରୀ ଜନ୍ କୋରା ଓ ଇଂରାଜୀ ପ୍ରାଧାପକ ବିଶ୍ୱଜିତ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ସମସ୍ତ ଅତିଥି ମାନେ ପ୍ରଥମେ ଜଗତର ନାଥ ଜଗନ୍ନାଥଙ୍କୁ ଧୂପ ଦୀପ ଦେଇ ପୂଜାର୍ଚ୍ଚନା କରିଥିଲେ ଓ ଏହା ପରେ ସହୀଦ ଲକ୍ଷ୍ମଣ ନାଏକଙ୍କ ତୈଳଚିତ୍ର ରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ସଭାରେ ମୁଖ୍ୟ ଅତିଥି ଶ୍ରୀ ଖେମୁଣ୍ଡୁ ଛାତ୍ର ଛାତ୍ରୀମାନଙ୍କୁ ନିଜ ଅତୀତର ଅନେକ ସଂଘର୍ଷମୟ ଗାଥା ବର୍ଣ୍ଣନା କରି କହିଥିଲେ ଯେ, ଜଣେ ଛାତ୍ର କିମ୍ବା ଛାତ୍ରୀ ଖାଲି ପାଠ ପଢି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଗଲେ ହିଁ ସବୁକିଛି ପାଇଗଲା ବୋଲି ଭାବିବା ଠିକ ହେବନାହିଁ । ଏହି ସମୟ ମଧ୍ୟରେ ସେ ନିଜକୁ ଖେଳକୁଦ, କ୍ରିଡ଼ା, ବିଭିନ୍ନ ସାଂସ୍କୃତିକ ଓ ସାମାଜିକ କାର୍ଯ୍ୟକ୍ରମରେ ଜଡିତ କରାଇ ପାରିଲେ ଭବିଷ୍ୟତ ଅତ୍ୟନ୍ତ ଆନନ୍ଦମୟ ସହିତ ବ୍ୟକ୍ତିତ୍ୱର ମଧ୍ୟ ବିକାଶ ହୋଇଉଠେ । ଅନ୍ୟ ଅତିଥିମାନେ ମଧ୍ୟ ଏହିଭଳି ଯୁବ ବିକାଶ କାର୍ଯ୍ୟକ୍ରମକୁ ପ୍ରସଂଶା କରିବା ସହ ରାଜ୍ୟ ସରକାରଙ୍କ ଏପରି ପ୍ରୟୋଗକୁ ଧନ୍ୟବାଦ ଦେଇଥିଲେ । ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ କ୍ରୀଡ଼ା ଓ ଗୁଣକୁ ଜାଗୃତ କରିବା ପାଇଁ ମହାବିଦ୍ୟାଳୟ ପରିସରରେ ବିଭିନ୍ନ କ୍ରିଡ଼ା ପ୍ରତିଯୋଗିତାମାନ ଆୟୋଜନ କରାଯାଇଥିଲା । ଯାହାକୁ ମହାବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଅତ୍ୟନ୍ତ ଉତ୍ସାହର ସହ ଭାଗ ନେଇଥିଲେ ।

କଳିଙ୍ଗ ସାହିତ୍ୟ ସମାଜ ସାହିତ୍ୟ ଆସର

ଗଞ୍ଜାମ , ୨୩/୧୧ (ନି.ପ୍ର): ଯେଉଁ କବିତା କବି ହୃଦୟ ର ନିଭୃତ କୋଣରୁ ସ୍ୱତଃପ୍ରବୃତ ନିଃସୃତ ହୋଇ ଜନ ମାନସକୁ ଆହ୍ଲାଦିତ କରେ ତାହା ଯଥାର୍ଥ ରେ ଉପଯୁକ୍ତ କବିତା ବୋଲି କଳିଙ୍ଗ ସାହିତ୍ୟ ସମାଜ ର ସାହିତ୍ୟ ଆସରରେ ପୌରହିତ୍ୟ କରି ଅନୁଷ୍ଠାନ ର ଉପସଭାପତି ସାହିତ୍ୟିକ ଶିକ୍ଷାବିତ ଡ. ବନମାଳୀ ପାଣିଗ୍ରାହୀ ମତବ୍ୟକ୍ତ କରିଛନ୍ତି। ସ୍ଥାନୀୟ ଉତ୍କଳ ଆଶ୍ରମ ଓଡ଼ିଆ ଭାଷା ଭବନ କକ୍ଷରେ କଳିଙ୍ଗ ସାହିତ୍ୟ ସମାଜ ର ସାହିତ୍ୟ ଆଲୋଚନା ସଭା ଓ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି।ଏହି ସାହିତ୍ୟ ସଭାରେ ଉପସଭାପତି ଡ. ବନମାଳୀ ପାଣିଗ୍ରାହୀ ସଭାପତିତ୍ୱ କରିଥିଲା ବେଳେ ଅତିଥି ଭାବରେ ଉପସଭାନେତ୍ରୀ ବରିଷ୍ଠ କବୟିତ୍ରୀ ଉପନ୍ୟାସିକା ସ୍ୱର୍ଣ୍ଣପ୍ରଭା ପାଢ଼ୀ ମଂଚାସିନ ହୋଇଥିଲେ । ସଂଗଠନ ସମ୍ପାଦକ ଦୀନବନ୍ଧୁ ଶ୍ରୀପଲ୍ଲବ ସ୍ୱାଗତ ଭାଷଣ ପ୍ରଦାନ କରି ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରାରମ୍ଭରେ ବନ୍ଦେ ଉତ୍କଳ ଜନନୀ ସମୂହ ଗାନ କରାଯାଇଥିଲା।ବରିଷ୍ଠ କବୟିତ୍ରୀ ଶ୍ରୀମତୀ ଅମିତା ମିଶ୍ର ଙ୍କ ସଂଯୋଜନା ରେ ଅନୁଷ୍ଠିତ କବିତା ପାଠୋତ୍ସବରେ କିରଣବାଳା ମିଶ୍ର, ପଦ୍ମିନୀ ମିଶ୍ର, ସ୍ୱର୍ଣ୍ଣମୟୀ ପାଢ଼ୀ, ସୁଚେତା ପାଣିଗ୍ରାହୀ, ଅନୁପ କୁମାର ମିଶ୍ର,ମିହିର କୁମାର ଦାସ ଶର୍ମା, ଭଗବାନ ପାତ୍ର, ପ୍ରମୁଖଙ୍କ ସମେତ ଅନ୍ୟ କବି କବୟିତ୍ରୀ ସ୍ୱରଚିତ କବିତା ପାଠ କରିଥିଲେ। କାର୍ଯ୍ୟାଳୟ ସମ୍ପାଦକ ନଳିନୀକାନ୍ତ ଗୌଡ ପରିଚାଳନା ରେ ସହଯୋଗ ପ୍ରଦାନ କରିଥିଲେ।

ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ

ଜୟପୁର, ୨୩/୧୧ (ନି.ପ୍ର): ଜୟପୁର ନିକଟ ଏକମ୍ବା ସହିଦ ଲକ୍ଷ୍ମଣ ନାୟକ ଯୁବକ ସଂଘ ଦ୍ୱାରା ସହିଦ ଲକ୍ଷ୍ମଣ ନାୟକଙ୍କ ୧୨୪ ତମ ଜନ୍ମବାର୍ଷିକ ପାଳନ ହୋଇଯାଇଛି । ଏହି ଜନ୍ମବାର୍ଷିକ ଉତ୍ସବ ପାଇଁ ୧୬ ଟୀ ଦଳ କୁ ନେଇ ଫୁଟବଲ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଯାହା ଗତ ୧୦ ତାରିଖ ଆରମ୍ଭ ହୋଇ ଫାଇନାଲ ମ୍ୟାଚ ଖେଳା ଯାଇଥିଲା କ୍ଷ ଫାଇନାଲ ମ୍ୟାଚ ଟୀ ଜୟପୁର ସି. ଓ୍ୱାଇ . ଏ ବନାମ ପୁରୁଣା ବାରିଗୁମ୍ଫା ମଧ୍ୟରେ ଏକ ସଂଘର୍ଷ ପୂର୍ଣ୍ଣ ମ୍ୟାଚ ହୋଇଥିଲା ନିର୍ଦ୍ଧାରିତ ସମୟ ମଧ୍ୟରେ ପୁରୁଣା ବାରିଗୁମ୍ଫା ଦଳ ୨-୦ ଗୋଲ କରି ଜୟପୁର ସି. ଓ୍ୱାଇ . ଏ ଦଳକୁ ପରାସ୍ତ କରି ବିଜୟ ହୋଇଥିଲେ । ଏହା ବ୍ୟତୀତ ବିଦ୍ୟାଳୟର ଏବଂ ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କୁ ନେଇ ଗତ ୧୯ ତାରିଖ ଦିନ ବକ୍ତୃତା, ସଂଗୀତ, ଦୌଡ଼, ରଚନା, ଢେମସା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଯାହାର ପୁରସ୍କାର ବିତରଣୀ ସହିଦ ଲକ୍ଷ୍ମଣ ନାୟକଙ୍କ ୧୨୪ ତମ ଜନ୍ମବାର୍ଷିକ ଉପଲକ୍ଷେ ପ୍ରଦାନ କରାଯାଇଥିଲା । ଉକ୍ତ ଦିନରେ ଓଡିଶା ପ୍ରଦେଶ କମିଟିର ସାଧାରଣ ସମ୍ପାଦିକା ମିନାକ୍ଷୀ ବାହିନୀପତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରି ପୁରସ୍କାର ପ୍ରଦାନ କରିଥିବା ବେଳେ ସମ୍ମାନିୟମ ଅତିଥି ଭାବେ ଭଗବାନ ବାହିନୀପତି ସମେତ ସୁକାନ୍ତ ପଟ୍ଟନାୟକ,କେ. ଗୋପାଳ, ଗୋବିନ୍ଦ ଚନ୍ଦ୍ର ନାୟକ, ଗିରିଶ ପାଣିଗ୍ରାହୀ, ମନ ସଗୋରିଆ, ଗଷ୍ଠବରିଏଲ ଅନକା,ଲଇଚନ କୁଲଦୀପ ଉପସ୍ଥିତ ରହିଥିଲେ । କମିଟିର ସଦସ୍ୟଙ୍କ ମଧ୍ୟରୁ ମଂଟୁ ଖୋସଲା, ଜଗା କୁଲଦୀପ,ସତ୍ୟ ଶୁକ୍ରୀ, ଅକ୍ଷୟ ଖୋସଲା, ଘାସି ଖୋସଲା, ଶୀତେଶ ଗୋଲରୀ, ସିପୁନ ବେହେରା, ବିକାଶ ଖୋସଲା କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଭାଷ୍ୟକାର ଦାୟିତ୍ୱ ତୁଲେଇଥିଲେ ରୋହିତ ଖୋସଲା ମ୍ୟାଚ ର ପରିଚାଳନାର ଦାୟିତ୍ୱରେ ଦୁର୍ଗାପ୍ରସାଦ ପରିଡା, ଅଶ୍ୱିନ ସାହୁ ସପନ ନାୟକ, ସୁକାନ୍ତ କୁମାର ଗୌଡ଼ ରହିଥିଲେ ।

ପୁସ୍ତକ ଓ ପତ୍ରିକା ପଠନ ଅଭିଯାନ

ଧର୍ମଶାଳା, ୨୩/୧୧ (ନି.ପ୍ର): ପଢିଲେ ଜାଣିବା ,ଜାଣିଲେ ଜିଣିବା । ଜୀବନ ଯାତ୍ରାରେ ଜାଣିବା ପାଇଁ ପୁସ୍ତକ ଓ ପ୍ରତିକା ପଠନର ଢେର ଆବଶ୍ୟକତା ରହିଛି । ଇଂଟରନେଟ୍ ଯୁଗରେ ବିଦ୍ୟାର୍ଥୀମାନଙ୍କୁ ପଠନ ଅଭିମୁଖୀ କରିବା ପାଇଁ ଆଜି ବାଷ୍ପେବୀ ଭ୍ରାମ୍ୟମାଣ ପାଠାଗାର ତରଫରୁ ପୁସ୍ତକ ଓ ପ୍ରତ୍ରିକା ପଠନ ଅଭିଯାନ ଯାଜପୁର ଜିଲା ରସୁଲପୁର ବ୍ଲକ ସାମନ୍ତରାପୁରସ୍ଥିତ 'ମା ଖଗେଶ୍ୱରୀ ବିଦ୍ୟାୟନ' ପରିସରରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାୟନର ପ୍ରଧାନଶିକ୍ଷକ ମହେନ୍ଦ୍ର କୁମାର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କର୍ମଶାଳାକୁ ବାଷ୍ପେବୀ ଭ୍ରାମ୍ୟମାଣ ପାଠାଗାରର ପ୍ରତିଷ୍ଠାତା ଅଧ୍ୟାପକ ପ୍ରଶାନ୍ତ କୁମାର ସାହୁ ଉଦଘାଟନ କରିଥିଲେ । ପାଠାଗାରର ରସୁଲପୁର ବ୍ଲକ ସଂଯୋଜକ ଅସରପ୍ରାପ୍ତ ଶିକ୍ଷକ ଦୀନବନ୍ଧୁ ତ୍ରିପାଠୀ ଯୋଗ ଦେଇ ଅନୁଷ୍ଠାନ ଲକ୍ଷ୍ୟ ,ଉଦ୍ଦେଶ୍ୟ ଓ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପାଠାଗାର ତରଫରୁ ଆୟୋଜିତ ପୁସ୍ତକ ଓ ପ୍ରତ୍ରିକା ପ୍ରଦର୍ଶନୀରୁ ବିଦ୍ୟାର୍ଥୀମାନେ ପୁସ୍ତକ ସଂଗ୍ରହ କରିବା ସହ ନିଜର ଅଭିମତ ରଖିଥିଲେ। କୃତି ବିଦ୍ୟାର୍ଥୀମାନଙ୍କୁ ମାନପତ୍ର ଓ ପୁସ୍ତକ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ସୁଶାନ୍ତ କୁମାର ସାହୁ,ବିଜୟ କୁମାର ବେହେରା,ଅରୁଣ କୁମାର ଦାଶ,ଜଳଧର ଦାସ, ଶିକ୍ଷାକର୍ମଚାରୀ ନାରାୟଣ ପଣ୍ଡା,ସୁନନ୍ଦ କୁମାର ସାହୁ ଓ ଭାଗବତ ସାହୁ ପ୍ରମୁଖ ପରିଚାଳନା କରିଥିଲେ । ଜନ୍ମ ଦିନ,ବିବାହ ଓ ବ୍ରତୋପୟନ ପ୍ରଭୃତି ସାମାଜିକ କାର୍ଯ୍ୟକ୍ରମରେ ପୁସ୍ତକ ଉପହାର ଦେବା ପାଇଁ ସର୍ବମ୍ମତି କ୍ରମେ ମତ ପ୍ରକାଶ ପାଇଛି । ଏଭଳି କାର୍ଯ୍ୟକ୍ରମରେ ଅଂଚଳରେ ଉଚ୍ଚ ପ୍ରଶାଂସା କରାଯାଇଛି ।

ରାଜ୍ୟ ଖାଦ୍ୟ ଆୟୋଗ ଅଧକ୍ଷଙ୍କ ଟିଟିଲାଗଡ ଗସ୍ତ

ବଲାଙ୍ଗିର , ୨୩/୧୧ (ନି.ପ୍ର): ରାଜ୍ୟ ଖାଦ୍ୟ ଆୟୋଗ ଅଧକ୍ଷ ଶ୍ରୀ ଅବନୀକାନ୍ତ ସାହୁ ଙ୍କ ତିନି ଦିନିଆ ବଲାଙ୍ଗିର ଗସ୍ତର ଦ୍ୱିତୀୟ ଦିନରେ ଟିଟିଲାଗଡରେ ବିଭିନ୍ନ ଯୋଜନାର ସମୀକ୍ଷା କରିଛନ୍ତି । ଆଜି ଶ୍ରୀ ସାହୁ ଟିଟିଲାଗଡ ର ବିଭିନ୍ନ ଅଂଚଳ ପରିଦର୍ଶନରେ ଯାଇ ଯୋଜନା ଗୁଡିକର କାର୍ଯ୍ୟକାରିତା ଉପରେ ପଚାରି ବୁଝିଥିଲେ । ପିପଲପଦର ରେ ଛତୁଆ ଉତ୍ପାଦନ କେନ୍ଦ୍ର ବୁଲିବା ସହ କର୍ମକର୍ତାଙ୍କ ସହ ଆଲୋଚନା କରିଥିଲେ । ଛତୁଆର ଉତ୍ପାଦନ ବେଳେ ସଂପୂର୍ଣ୍ଣ ସ୍ୱଚ୍ଛତା ଅବଲମ୍ବନ କରିବା, ପକେଟ ପିଛା ଓଜନ ଓ ମାନ ସଠିକ ରହିବା ପ୍ରତି ଯତ୍ନବାନ ହେବାକୁ ସେ କହିଥିଲେ । ଏହାପରେ ମାଲଗୋଦାମ ପଡାରେ ମଡେଲ ଅଙ୍ଗନୱାଡି କେନ୍ଦ୍ର ବୁଲିଦେଖିଥିଲେ । ପିଲାଙ୍କୁ ସୁବିଧା ପଚାରି ବୁଝିବାସହ ଅଙ୍ଗନୱାଡି କର୍ମୀଙ୍କୁ ଯତ୍ନବାନ ହେବାକୁ ତାଗିଦ କରିଥିଲେ । ଭାଟିପଡାରେ ଅଙ୍ଗନୱାଡି କେନ୍ଦ୍ର-୨ରେ ଶିଶୁ ଆହାର ସମୀକ୍ଷା କରିଥିଲେ । ଏହା ପରେ ଦେହସିଲ ଓ ସାନପତ୍ରପାଲି ରେ ଅଣସୁଚିତ ଜାତି ଓ ଅଣସୂଚିତ ଜନଜାତି ବିଭାଗ ପକ୍ଷରୁ ଚାଲିଥିବା ଉଚ୍ଚ ବିଦ୍ୟାଳୟରେ ଖାଦ୍ୟ ଏବଂ ମେଡିକାଲ ସୁବିଧା ତଦାରଖ କରିଥିଲେ । ଜାଗୁଆ ଗ୍ରାମପଂଚାୟତରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଓ ରାଜ୍ୟ ଖାଦ୍ୟ ସୁରକ୍ଷା ଆଇନ ଆଧାରରେ ମିଳୁଥିବା ରାସନ ବାବଦରେ ବଂଟନ କେନ୍ଦ୍ରରେ ହିତାଧିକାରୀଙ୍କ ପ୍ରତିକ୍ରିୟା ପଚାରିବୁଝିଥିଲେ । ସେଠାରେ ଗୋଦାମ ଗୃହ ତର୍ଜମା କରିବା ସହ ଷ୍ଟକ ରେଜିଷ୍ଟର ଯାଂଚ କରିଥିଲେ । ଚାଉଳ ବଂଟନରେ କୌଣସି ଅନିୟମିତତା କୁ ପ୍ରଶ୍ରୟ ଦିଆଯିବନି ବୋଲି ସେ ଅଧିକାରୀଙ୍କୁ ତାଗିଦ କରିଥିଲେ । ଅପରାହ୍ନରେ ଟିଟିଲାଗଡ ବ୍ଲକ ଅଫିସ ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ଅଧିକାରୀ , ପଂଚାୟତସ୍ତରୀୟ ସଦସ୍ୟ ଙ୍କୁ ନେଇ ସମୀକ୍ଷା ବୈଠକ କରିଥିଲେ । ସମ୍ମିଳନୀ କକ୍ଷରେ ନୂତନ ହିତାଧିକାରୀଙ୍କୁ ଭତା ବାଂଟିଥିଲେ । ଏହି ଗ୍ରସ୍ତ ବେଳେ ତାଙ୍କସହ ରାଜ୍ୟ ଖାଦ୍ୟ ଆୟୋଗର ସଦସ୍ୟ ପ୍ରିୟବ୍ରତ ସାମନ୍ତରାୟ, ପ୍ରେମଶ

ସିଭିଲ୍ ସୋସାଇଟିର ଗୁରୁତ୍ୱପୂର୍ଣ୍ଣ ବୈଠକ: ଜନଦାବିରେ ଆନ୍ଦୋଳନ ପାଇଁ ଚେତାବନୀ

ବାଲେଶ୍ୱର, ୨୪/୧୧ (ନି.ପ୍ର): ସିଭିଲ୍ ସୋସାଇଟି ପକ୍ଷରୁ ଉଠାଜଳ ସେଚନ କର୍ମଚାରୀ ଭବନରେ ବିଦ୍ୟୁତ୍ ଗ୍ରାହକମାନଙ୍କ ସମସ୍ୟା, ପୌରାଞ୍ଚଳରେ ମଶାର ପ୍ରାଦୁର୍ଭାବ, ବାଲେଶ୍ୱର ରେଳଷ୍ଟେସନର ବିକାଶ ଓ ସହରର ପ୍ରଥମ ଓଭରବ୍ରିଜ୍ ତଳଭାଗର ସୁରକ୍ଷା ଓ ସୌନ୍ଦର୍ଯ୍ୟୀକରଣ ପ୍ରଭୃତି ସମସ୍ୟାକୁ ନେଇ ଶୁକ୍ରବାର ଦିନ ଅପରାହ୍ନରେ ଅନ୍ତର୍ଯ୍ୟାମୀ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ବିଚାର ବିମର୍ଷ ହୋଇଛି। ସଂପାଦକ ମନୋଜ ନାୟକ ସିଭିଲ୍ ସୋସାଇଟି ପକ୍ଷରୁ ଜାତୀୟ ରାଜପଥ ପାର୍ଶ୍ୱରେ ଗଣେଶ୍ୱରପୁର ମୌଜାରେ ସରକାରୀ ବସ୍‌ଷ୍ଟାଣ୍ଡ ଓ ବାଲେଶ୍ୱର ସହରରେ ଜୁଡ଼ିସିଆଲ୍ ହବ୍ ନିର୍ମାଣ ସଂପର୍କରେ ଗ୍ରହଣ କରାଯାଇଥିବା କାର୍ଯ୍ୟପନ୍ଥା ସଂପର୍କରେ ସୂଚନା ଦେଇଥିଲେ। ଆସନ୍ତା ସପ୍ତାହରେ ବିଦ୍ୟୁତ୍ ଗ୍ରାହକମାନଙ୍କ ସମସ୍ୟା ସଂପର୍କରେ ଜିଲ୍ଲାପାଳ ଓ ବିଦ୍ୟୁତ୍ ବିତରଣକାରୀ କଂପାନୀକୁ ଏବଂ ଓଭରବ୍ରିଜ୍ ତଳଭାଗରେ ସୌନ୍ଦର୍ଯ୍ୟୀକରଣ ଓ ସୁରକ୍ଷା ସହ ପୌରାଞ୍ଚଳରେ ମଶା ନିପାତ ପାଇଁ କାର୍ଯ୍ୟପନ୍ଥା ନିମିତ୍ତ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ତଥା ବାଲେଶ୍ୱର ଉପଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅବଗତ କରାଯିବ। ସେହିପରି ବାଲେଶ୍ୱର ରେଳ ଷ୍ଟେସନର ବିକାଶ, ସଂପ୍ରସାରଣ ଓ ଅତ୍ୟାଧୁନିକୀକରଣ କାର୍ଯ୍ୟରେ ମନ୍ଥରତା ଏବଂ ପ୍ଲାଟଫର୍ମର ଦୁରାବସ୍ଥା ସଂପର୍କରେ ରେଳବିଭାଗ ମନ୍ତ୍ରୀ, ରେଳ ଅଧିକାରୀଙ୍କୁ ଜିଲ୍ଲାପାଳଙ୍କ ଜରିଆରେ ଅନ୍ୟ ଏକ ଦାବିପତ୍ର ପ୍ରଦାନ ପାଇଁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ସଂପୃକ୍ତ ବିଭାଗୀୟ ଅଧିକାରୀମାନେ ଜନଦାବିକୁ ଅଗ୍ରାହ୍ୟକଲେ ଗଣତାନ୍ତ୍ରିକ ଧାରାରେ ବିଭିନ୍ନ ପର୍ଯ୍ୟାୟରେ ଆସନ୍ତା ୨୦୨୪ ଜାନୁଆରୀ ମାସରୁ ଆନ୍ଦୋଳନ ପାଇଁ ବୈଠକରେ ସର୍ବସମ୍ମତିକ୍ରମେ ପ୍ରସ୍ତାବ ଗୃହୀତ ହୋଇଛି। ଆନ୍ଦେଦକର ବିକାଶ ପରିଷଦର ନିମନ୍ତ୍ରଣ କ୍ରମେ ସୋସାଇଟିର ସଦସ୍ୟମାନେ ଆସନ୍ତା ୨୬ ତାରିଖ ଦିନ ଆନ୍ଦେଦକରଙ୍କ ପ୍ରତିମୂର୍ତ୍ତି ଅନାବରଣ ଉତ୍ସବରେ ଉପସ୍ଥିତ ରହିବାକୁ ଅନୁରୋଧ କରାଯାଇଛି। ସୋସାଇଟିର ଆସନ୍ତା ମାସ ବୈଠକରେ ସଂଗଠନର ବାର୍ଷିକ ସମ୍ମିଳନୀ ଓ ନୂତନ ସଭ୍ୟ ଗ୍ରହଣ ସଂପର୍କରେ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ସଂପାଦକ ଶ୍ରୀ ନାୟକ ଜଣାଇଥିଲେ। ଏହି ବୈଠକରେ ସିଭିଲ୍ ସୋସାଇଟିର ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ, କୋଷାଧକ୍ଷ ସନ୍ତୋଷ କୁମାର ସାହୁଙ୍କ ସମେତ ସୀତାରାମ ପ୍ରଧାନ, ନନ୍ଦନ ପାଲ, ଦାମୋଦର ନାୟକ, ବେଣୁଧର ସାହୁ, ସୁଦର୍ଶନ ଜେନା, ସୁକୁମାର ରଣା, ଭରତ ଚନ୍ଦ୍ର ସେଠୀ, ଶରତ ଚନ୍ଦ୍ର ଦଳାଇ ଓ ପୂର୍ଣ୍ଣଚନ୍ଦ୍ର ପାତ୍ର ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ଶ୍ୟାମସୁନ୍ଦର ଜେନା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

ଭାରତୀୟ ଜନତା ପାର୍ଟି ଖୋର୍ଦ୍ଧାରେ ବିଶାଳ ରାଲି ଓ ଖୋର୍ଦ୍ଧା ବ୍ଲକ ଘେରାଉ

ଖୋର୍ଦ୍ଧା , ୨୪/୧୧ (ନି.ପ୍ର): ଖୋର୍ଦ୍ଧା ନୂଆ ବସଷ୍ଟାଣ୍ଡ ଠାରୁ ହଜାର ହଜାର ମହିଳା ଓ ପୁରୁଷ ଏକତ୍ର ହୋଇ ଭାରତୀୟ ଜନତା ପାର୍ଟିର ପଦ୍ମ ଚିହ୍ନ ଥିବା ପତାକା ଧରି ବିଭିନ୍ନ ସ୍ଲୋଗାନ ଦେଇ ଭାରତର ମାନ୍ୟବର ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜୟ ଜୟ ଜ୍ଞାନ ଓ ଜିନ୍ଦା ବାଦ ଦେଇ ବିରାଟ ରାଲି ,ଖୋର୍ଦ୍ଧା ସହର କମ୍ପି ଉଠି ଥିଲା। ଓଡିଶା ସରକାରଙ୍କ ଦୁର୍ନୀତି ଭ୍ରଷ୍ଟାଚାର ପଞ୍ଚାୟତ ଠାରୁ, ବ୍ଲକ ଓ ରାଜ୍ୟ ଚାରିଆଡ଼େ ଚାଲିଛି। ଖୋର୍ଦ୍ଧା ବ୍ଲକ ସାମନରା ଏକ ମଞ୍ଚ କରି ଖୋର୍ଦ୍ଧା ଆସନ୍ତା ୨୦୨୪ ନିର୍ବାଚନ ବିଜେପି ପାର୍ଥି ,ଶ୍ରୀଯୁକ୍ତ କାଳୁ ଖଣ୍ଡତରାୟ, ଖୋର୍ଦ୍ଧା ଜିଲ୍ଲା ସଭାପତି ନିକୁଞ୍ଜ ପଟ୍ଟନାୟକ, ସଂପାଦକ ରଶ୍ମୀ ରଞ୍ଜନ ମହାପାତ୍ର, ବହୁ ନାରୀ ନେତ୍ରୀ କେନ୍ଦ୍ର ସରକାରଂକ ଅନୁଦାନ ବାଟ ମାରଣା ଓ ଓଡିଶା ସରକାରଙ୍କ ଦୁର୍ନୀତି ଉପରେ ଟିପ୍ପଣୀ ଦେଇ ଥିଲେ। ଖୋର୍ଦ୍ଧା ଓ ଓଡିଶା ଜନସାଧାରଣ ଭାରତୀୟ ଜନତା ପାଟି ହାତ ମୁଠାକୁ ଟାଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ଖୋର୍ଦ୍ଧା ପୋଲିସ ଶାନ୍ତି ରକ୍ଷା ପାଇଁ ବହୁ ସଙ୍ଖ୍ୟାରେ ଉପସ୍ଥିତ ଥିଲେ। ଖୋର୍ଦ୍ଧା ଆଦର୍ଶ ଥାନା ଅଧିକାରୀ ନିଜେ ରହି ପରିସ୍ଥିତିର ଅନୁଧ୍ୟାନ କରିଥିଲେ। ଦେଖିବାକୁ ମିଳି ଥିଲା ଆମର ଖୋର୍ଦ୍ଧା ପ୍ରିୟ ବିଯେପି ନେତା କାଳୁ ବାବୁଙ୍କୁ ବହୁ ସମର୍ଥନ ଯୋଗ ଦେଇ ଥିଲେ। ବିଜେବି ଏଥର ବିଜୟ କରିବ ଉକ୍ତ ସଭା ସମାବେଶରୁ ଜଣା ପଡୁଥିଲା।

ସନ୍ତରାଗଡିଆ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ୧୦୮ ଆମ୍ବୁଲାନ୍ସ ସେବାର ଶୁଭାରମ୍ଭ

ନୀଳଗିରି , ୨୪/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦର ପୁର ପଂଚାୟତସ୍ଥିତ ସନ୍ତରାଗଡିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ୧୦୮ ଆମ୍ବୁଲାନ୍ସ ସେବା ର ଶୁଭାରମ୍ଭ ହୋଇଛି ।ତେଣୁ ଉକ୍ତ ଅଂଚଳ ବାସୀଙ୍କ ପାଇଁ ସ୍ୱାସ୍ଥ୍ୟ ସେବା ସୁବିଧା ଲାଗି ଲୋକ ମାନଙ୍କ ହାତ ପାଆନ୍ତାରେ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ରାଜ୍ୟ ସରକାର ସଫଳ ହୋଇଛନ୍ତି। ଉକ୍ତ ୧୦୮ଆମ୍ବୁଲାନ୍ସକୁ ଦିବ୍ୟାଙ୍ଗ ପ୍ରଶାନ୍ତ ରାଉତ ନଡ଼ିଆ ପଠାଇ ଶୁଭ ଉଦଘାଟନ କରିଥିଲେ। ଅନ୍ୟ ମାନଙ୍କ ଭିତରେ ବରିଷ୍ଠ ଆଇନୀଜୀବୀ ଅମେରେନ୍ଦ୍ର ପଟନାୟକ, ରାଜୀବ କୁମାର ପାଣିଗ୍ରାହୀ, ଗୟାଧର ଜେନା, ମୁନା ରାଉତ, ରତ୍ନାକର ନନ୍ଦ, ବାପୁ ଗୋସ୍ୱାମି , ଅଜୟ କୁମାର ମହାଳିକ, ଚିକୁ ଚନ୍ଦନ ଦାଶ, , କପିଳ ସାମଲ, ଜଗନ୍ନାଥ ମହାନ୍ତି, ସୁରେନ୍ଦ୍ର ମହାନ୍ତି, ଗଗନ ବେହେରାଙ୍କ ସହ ମେଡିକାଲ କର୍ତ୍ତୃପକ୍ଷ ଉପସ୍ଥିତ ରହିଥିଲେ।

ଡିସେମ୍ବର ଦ୍ୱିତୀୟ ସପ୍ତାହରେ ଆରମ୍ଭ ହେବ ଏଆଇଏଫ୍ ଏଫ୍ ଲିଗ୍

ନୂଆଦିଲ୍ଲୀ, ୨୪/୧୧ (ନି.ପ୍ର): ଅଖିଳ ଭାରତୀୟ ଫୁଟବଲ୍ ଫେଡେରେସନ୍ ଅଣ୍ଡର -୧୭ ସଂସ୍କରଣ ସହିତ ଏଆଇଏଫ୍ ଏଫ୍ ଲିଗ୍ ଆରମ୍ଭ କରିବାକୁ ଘୋଷଣା କରିଛି ଯାହା ଡିସେମ୍ବର ଦ୍ୱିତୀୟ ସପ୍ତାହରେ ଆରମ୍ଭ ହେବାକୁ ଯାଉଛି। ଏହି ଖେଳକୁ ସୁନିଶ୍ଚିତ କରିବା ପାଇଁ, ଏଆଇଏଫ୍ ଏଫ୍ ଜାନୁଆରୀରୁ ଆରମ୍ଭ ହେବାକୁ ଥିବା ଅଣ୍ଡର -୧୩ ଏବଂ ଅଣ୍ଡର -୧୫ ଯୁବ ଲିଗ୍ ପାଇଁ ଟିଡବ୍ଲୁ ୩ ପରୀକ୍ଷା କରିବ, ଏଥିରେ ୫୦ରୁ ଅଧିକ ଟିମ ଭାଗନେବ ବୋଲି ଆଶା କରା ଯାଉଛି । ଇଣ୍ଡିଆନ୍ ସୁପର ଲିଗ୍ (ଆଇଏସ୍‌ଏଲ୍), ଆଇ-ଲିଗ୍, ଆଇ-ଲିଗ୍ ୨ ଏବଂ ଏଆଇ ଏଫ୍‌ଏଫ୍ ଏକାଡେମୀ ସ୍ୱୀକୃତି ସହିତ ଏଲଟି ଏକାଡେମୀ ଟିମ୍‌କୁ ସିଧା ପ୍ରବେଶ କରିଦିଆଯିବ ।

ପ୍ଲାଟିନମ୍ ଜୁବଲି ଅବସରରେ ବାୟୁସେନାର ଜବାନ କଲେ ପ୍ରଦର୍ଶନ

କାନପୁର, ୨୪/୧୧ (ନି.ପ୍ର): ବାୟୁସେନାର ଜବାନମାନେ ଟେଂଟସେଟର୍ସ ନାମରେ ଅନୁଭୂତ ୧ ବେସ୍ ରିପେୟର ଡିପୋର ପ୍ଲାଟିନମ ଜୁବଲୀର ପ୍ରତିଷ୍ଠିତ ଅବସରରେ ଶୁକ୍ରବାର ଦିନ ବାୟୁସେନା ଷ୍ଟେସନ କାନପୁରରେ ନିଜ କୌଶଳ ଦେଖାଇ ପ୍ରଦର୍ଶନ କରିଛନ୍ତି। ସମାରୋହ ସମୟରେ ବିଭିନ୍ନ ଉଲ୍ଲେଖନୀୟ କାର୍ଯ୍ୟକ୍ରମ ଦେଖାଯାଇଛି ଯେଉଁଥିରେ ଆକାଶଗଙ୍ଗା ଡିସ୍‌ପ୍ଲେ ସ୍କାଇ ଡାଇଭିଙ୍ଗ ସାମିଲ ଥିଲା। ଟିମ୍, ଏୟର ବାରିୟର ଡ୍ରିଲ ଟିମ୍(ଏଡବ୍ଲ୍ୟୁଡିଟି) ପ୍ରଦର୍ଶନ ଏବଂ ଆଇଆଇଟି କାନପୁର ଡ୍ରୋନ୍ ପ୍ରଦର୍ଶନ କରିଥିଲା ଏବଂ ଡିପୋ ପାଖରେ ସ୍କିଟଫାୟର, ପ୍ରେଂଟିସ୍, ଆଷ୍ଟାର, ହାର୍ବଡ, ଓ୍ୱିଟର, ବେଲ ହେଲିକାପ୍ଟର, ବୈମ୍ପାୟର, ତୁଫାନୀ, ମିଷ୍ଟେର, ଏବରୋ, ହଂଟର ଏବଂ ବର୍ତ୍ତମାନରେ ଏଏନ୍-୩୨ ବିମାନ ପରି କେତେକ ବିମାନର ସର୍ଭିସିଂଗର ସମୃଦ୍ଧ ବିରାସତ ଅଟେ। ଏହି କାର୍ଯ୍ୟକ୍ରମ ଏଏନ୍-୩୨ ବିମାନ ବିଜୟ ନିର୍ମାଣର ପ୍ରଦର୍ଶନ ସହିତ ମନାଇଥିଲେ। ଏହି କାର୍ଯ୍ୟକ୍ରମରେ ଡିପୋର କେତେକ ପୂର୍ବ ବାୟୁ ସୈନିକ ଏବଂ ସେବାରତ ବାୟୁ ଯୋଦ୍ଧାମାନେ ଭାଗ ନେଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଏୟାର ମାର୍ଶାଲ ବିଭାସ ପାଣ୍ଡେ ଏୟାର ଅଫିସର କମାଣ୍ଡିଙ୍ଗ-ଇନ୍-ଚିଫ୍, ଅନୁରକ୍ଷଣ କମାନ ଥିଲେ। ଯାହାର ସ୍ୱାଗତ ଏୟାର କମୋଡୋର ଏମ୍‌କେ ପ୍ରବୀଣ, ଏୟାର ଅଫିସର କମାଣ୍ଡିଙ୍ଗ, ଏୟାର ଫୋର୍ସ ଷ୍ଟେଶନ, କାନପୁର ୧ ବେସ୍ ରିପେୟର ଡିପୋର କମାନ ଅଧିକାରୀ ଗ୍ରୁପ୍ କ୍ୟାପ୍ଟେନ ଦୀପକ ମାନଦେବଙ୍କ ସହଯୋଗ କରିଥିଲେ।

ଦେୟ ଏବଂ ବ୍ୟବହାର ପାଇଁ ଇ-ନିଲାମ ବିଜ୍ଞପ୍ତି

ଇ-ନିଲାମ ନୋଟିସ ନଂ। **PnUTol-KGP-23-6** ତାରିଖ: ୨୨.୧୧.୨୦୨୩ ରାଷ୍ଟ୍ରପତି, ୟୁନିଅନ୍ ଅଫ୍ ଇଣ୍ଡିଆ, ସିନିୟର ଡିଭିଜନାଲ ବାଣିଜ୍ୟିକ ପରିଚାଳକ, ଖଡ଼ଗପୁର ଡିଭିଜନ, ଦକ୍ଷିଣ ପୂର୍ବ ରେଳ ଏକ ନମ୍ବର ଦେୟ ଏବଂ ବ୍ୟବହାର ଚୁକ୍ତି ପାଇଁ ଇ-ନିଲାମକୁ ଆମନ୍ତ୍ରଣ କରେ । ବାଲିଚକ, ରାଧାମୋହନପୁର, ହର, ତାମୁଲକ, କୋଲାଘାଟ, ଉଲୁବେରିଆ, ବାଉରିଆ, ସଙ୍କ୍ରାଇଲ, ଆଣ୍ଟୁଲ, ମରିଗ୍ରାମ, ରାମରାଜଟାଲା, ଦାସନଗର ରେଳ ଷ୍ଟେସନ ପରିସରରେ ଶୌଚାଳୟ : **https: //www.ireps .gov.in** ଇ-ନିଲାମ ବିଜ୍ଞପ୍ତିଗୁଡିକର ବିବରଣୀ ନିମ୍ନରେ ଦିଆଯାଇଛି:

Sl. No.	ବର୍ଗ	କାଟାଲଗ୍ ନଂ	ନିଲାମର ତାରିଖ	ନିଲାମ ଆରମ୍ଭ ସମୟ	ନିଲାମ ବନ୍ଦ ସମୟ
1	ଦେୟ ବିଭାଗ ଏବଂ ଶୌଚାଳୟ କାର୍ଯ୍ୟର ବିକ୍ରୟ	PnUTol-KGP-23-6	୧୨.୧୨.୨୦୨୩	୧୨.୧୫ ଘଣ୍ଟା	୧୨.୪୫ ଘଣ୍ଟା

ଇଚ୍ଛୁକ ପକ୍ଷ ଏବଂ କଣ୍ଟ୍ରାକ୍ଟରମାନେ ଏହା ଉପରେ ଧ୍ୟାନ ଦେବା ଏବଂ ଇ-ନିଲାମ ବିଜ୍ଞପ୍ତି ସମ୍ବନ୍ଧୀୟ ତଥ୍ୟର ବିବରଣୀ ପାଇଁ ଉପରୋକ୍ତ ୱେବସାଇଟ୍ ମାଧ୍ୟମରେ ଯିବା । ଏଣ୍ଟ୍ରି / ସ୍ପଷ୍ଟୀକରଣ ପାଇଁ, ଯଦି ଥାଏ, ଦୟାକରି ଅଣ୍ଡର ସାଇନ ହୋଇଥିବା କାର୍ଯ୍ୟାଳୟ ସହିତ ଯୋଗାଯୋଗ କରନ୍ତୁ ।

(PR-857) ବରିଷ୍ଠ ବିଭାଗୀୟ ବାଣିଜ୍ୟ ପରିଚାଳକ, ଖଡ଼ଗପୁର

ଦକ୍ଷିଣ ପୂର୍ବ ରେଳବାଇ
ହସ ହସ ମୁହଁରେ ଆପଣଙ୍କ ସେବାରେ

GOVERNMENT OF ORISSA
OFFICE OF THE SUPERINTENDING ENGINEER
RURAL WORKS DIVISION KARANJIA (MAYURBHANJ)
E-mail ID: - ecrwkaranjia@yahoo.com
Letter No. 5837 / Date: 20.11.2023

"e" Procurement Notice for Special Repair to Roads & Bridges and approach road & Periodical Maintenance works for year 2023-24.
Bid Identification No – RWDKNJ –12 / 2023-24

1 Name of the work : Road Works (As per Annexure)
2. Estimated Cost : Rs. 10.17 to Rs.5.08 Lakhs Approximately (As per Annexure).
3. Class of Contractor : 'D','C'& Class, (As per Annexure)
4. Period of Completion : As per Annexure
5. Tender Paper Cost : Paper cost of bid as mentioned in Annexure of Road Works.

Further details can be seen from the website www.tendersodisha.gov.in

Procurement Officer	Bid Identification No.	Availability of tender On-line for bidding		Last Date & Time of seeking Tender Clarification.	Date & Time of Opening of Tender in O/O S.E. R.W. Division Karanjia Technical & Financial Bid
		From	To		
1	2	3	4	5	6
Superintending Engineer, Rural Works Division, Karanjia	Road Online RWDKNJ-12/23-24.	Dt. 28.11.2023 at 10.00 A.M.	Dt.06.12.2023 up to 5.00 P.M.	Dt.05.12.2023 up to 1.00 P.M.	Dt.07.12.2023 at 11.00 A.M.

OIPR: 25086/11/0020/2324

Superintending Engineer
R.W. Division, Karanjia

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

୩୦ଦିନ ବସିଥାନ୍ତା...

ଦିବଂଗତ ସଦସ୍ୟଙ୍କ ସମ୍ମାନରେ ଶୋକ ପ୍ରସ୍ତାବ ଆଗତ ହୋଇ ଗୃହ ମୁଲତବୀ ହୋଇଥିଲା । ଦ୍ୱିତୀୟ ଦିନରେ ଆଦିବାସୀଙ୍କ ଜମି ଅଣଆଦିବାସୀଙ୍କୁ ହସ୍ତାନ୍ତର ପ୍ରସଙ୍ଗରେ ଉଭୟ ବିରୋଧୀ କଂଗ୍ରେସ ଓ ବିଜେପି ସଦସ୍ୟମାନେ ଦିନତମାମ ହଙ୍ଗୋଳ ଜାରି ରଖିଥିଲେ । ଗୃହରେ କୌଣସି କାର୍ଯ୍ୟ ସମ୍ଭବପର ହୋଇନଥିଲା । ତୃତୀୟ ଦିନରେ ଗୃହ କାର୍ଯ୍ୟ ପ୍ରଥମାର୍ଦ୍ଧରେ ଅଚଳାବସ୍ଥା ରହିଥିଲା ଓ ଦ୍ୱିତୀୟାର୍ଦ୍ଧ ଗୃହ ସ୍ୱାଭାବିକ ହୋଇଥିଲା । ଗୃହରେ ବିରୋଧୀ ସଦସ୍ୟମାନେ ଆଦିବାସୀ ଜମି ହସ୍ତାନ୍ତର ପ୍ରସଙ୍ଗକୁ ନେଇ ନିଜର ମତ ଉପସ୍ଥାପନ କରିବା ସହ ତୁରନ୍ତ କ୍ୟାବିନେଟ୍ ନିଷ୍ପତ୍ତି ପ୍ରତ୍ୟାହାର ଦାବି କରିଥିଲେ । ଓଡ଼ିଶା ଭୂସଂସ୍କାର ସଂଶୋଧନ ବିଲ୍ ଉପରେ ଆଲୋଚନା ହୋଇଥିଲା । ଆଜି ଗୃହରେ ପୂର୍ବାହ୍ନରେ ପ୍ରଶ୍ନକାଳ ସ୍ୱାଭାବିକ ଥିଲା । ବିଜେପି ଦେଇଥିବା ମୁଲତବୀ ପ୍ରସ୍ତାବ 'ସରକାର ଆଦିବାସୀଙ୍କ ଜମି ବିକ୍ରି ନିଷ୍ପତ୍ତି ତୁରନ୍ତ ପ୍ରତ୍ୟାହାର ନକଲେ ରାଜ୍ୟରେ ଆଦିବାସୀମାନେ ସର୍ବହରା ହୋଇଯିବେ' ଶୀର୍ଷକ ଉପରେ ମଧ୍ୟ ଆଲୋଚନା ହୋଇଥିଲା । ସଂସଦୀୟ ବ୍ୟାପାର ମନ୍ତ୍ରୀ ଗୃହରେ ଆଦିବାସୀଙ୍କ ଜମି ହସ୍ତାନ୍ତର ପ୍ରସଙ୍ଗରେ କ୍ୟାବିନେଟ୍ ନଭେମ୍ବର ୧୪ତାରିଖରେ ନେଇଥିବା ନିଷ୍ପତ୍ତିକୁ ସଂଶୋଧନ କରାଯିବା ସମ୍ପର୍କରେ ଗୃହକୁ ଅବଗତ କରିଥିଲେ । ଦ୍ୱିତୀୟାର୍ଦ୍ଧରେ ବିଧାୟକମାନେ ନିଜ ନିଜ ଅଂଚଳର ସମସ୍ୟାକୁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ସୂଚନାଯୋଗ୍ୟ, ଚଳିତ କ୍ୟାଲେଣ୍ଡର ବର୍ଷରେ ବଜେଟ୍ ଅଧିବେଶ ଫେବୃୟାରୀ ୨୧ରୁ ଏପ୍ରିଲ ୬ତାରିଖ ପର୍ଯ୍ୟନ୍ତ ମୋଟ ୨୭ଦିନ ବସିବାର କାର୍ଯ୍ୟସୂଚୀ ଥିଲା । କିନ୍ତୁ ଗୃହ ମାତ୍ର ୨୩ଦିନ ଚାଲିଥିଲା । ସେହିପରି ମୌସୁମୀ ଅଧିବେଶନ ସେପ୍ଟେମ୍ବର ୨୨ରୁ ଅକ୍ଟୋବର ୪ତାରିଖ ପର୍ଯ୍ୟନ୍ତ ମୋଟ ୮ଦିନ ବସିବାର ଥିଲା । କିନ୍ତୁ ଗୃହ ୭ଦିନ ଚାଲିଥିଲା । ଏବେ ଶୀତ ଅଧିବେଶନ ୩୦ଦିନ ବସିବାର ଥିଲା କିନ୍ତୁ ମାତ୍ର ୪ଦିନରେ ଶେଷ ହୋଇଛି । ଅର୍ଥାତ୍ ଚଳିତ କ୍ୟାଲେଣ୍ଡର ବର୍ଷରେ ଗୃହ ମାତ୍ର ୩୪ଦିନ ଚାଲିବା ସମ୍ଭବପର ହୋଇଛି । ନବୀନ ପଟ୍ଟନାୟକ ସରକାରର ପଂଚମ ପାଳି ଅବା ଷୋଡ଼ଶ ବିଧାନସଭାରେ ଅଧିବେଶନର ଅବଧି କୌଣସି କ୍ୟାଲେଣ୍ଡର ବର୍ଷରେ ୬୦ଦିନ ଚାଲି ପାରୁନଥିବା ଜଣାପଡ଼ିଛି । ନବୀନ ପଟ୍ଟନାୟକ ୨୦୦୦ ମସିହାରୁ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବା ପରଠୁ ବିଧାନସଭା ମାତ୍ର ୩ଥର ଅର୍ଥାତ୍ ୨୦୦୬, ୨୦୦୯ ଓ ୨୦୧୨ କ୍ୟାଲେଣ୍ଡର ବର୍ଷରେ ଅଧିବେଶନ ୬୦ଦିନ ବସିପାରିଥିଲା । ୨୦୨୨ ମସିହାରେ ବିଧାନସଭା ମାତ୍ର ୩୭ଦିନ ଚାଲି ପାରିଥିଲା । ବିଧାନସଭା ପ୍ରତିବର୍ଷ ଅତିକମରେ ୬୦ଦିନ ବସିବାର ପ୍ରାବଧାନ ଥିବାବେଳେ ନବୀନ ପଟ୍ଟନାୟକ ସରକାର ନିଜ ମନମୁଖୀ ଓ ସୁହାଇବା ଭଳି ଏହାର ଅବଧିକୁ ହ୍ରାସ କରିବାକୁ ପଛାଇ ନାହାନ୍ତି ।

ପୂଜକ-ପ୍ରଶାସନ ମୁହାଁମୁହିଁ...

ଶ୍ରଦ୍ଧାଳୁମାନେ ବହୁ ଉତ୍ସାହର ସହ ଦର୍ଶନ କରୁଥିଲେ। ଶ୍ରଦ୍ଧାଳୁମାନେ ଶୃଙ୍ଖଳିତ ଭାବେ ଧାଡ଼ିରେ ଯାଇ ବାବାଙ୍କୁ ଦର୍ଶନ କରୁଥିଲେ। ସେପଟେ ଶୃଙ୍ଖଳିତ ଦର୍ଶନ ପାଇଁ ପ୍ରଶାସନ ପକ୍ଷରୁ କଂକ୍ରିଟ୍ ବ୍ରିଜଠାରୁ ମନ୍ଦିର ବେଢା ପର୍ଯ୍ୟନ୍ତ ବ୍ୟାରିକେଡ୍ କରାଯାଇଥିଲା। ତେବେ ମନ୍ଦିର ପ୍ରଶାସନ କରିଥିବା ବ୍ୟାରିକେଡ୍‌କୁ ପୂଜକ ସମିତି ବିରୋଧ କରିଥିଲା। ଯାହାଫଳରେ ପ୍ରଶାସନ ଓ ପୂଜକ ସମିତି ମୁହାଁମୁହିଁ ହୋଇଥିଲେ। ସ୍ଥିତି ଅଣାୟତ ହେଉଥିବା ଦେଖି ଆଠଗଡ ଉପଜିଲ୍ଲାପାଳ ଓ ଅତିରିକ୍ତ ଏସ୍‌ପି ପୂଜକମାନଙ୍କ ସହ ଆଲୋଚନା କରିଥିଲେ। ବୁଝାସୁଝା କରିଥିଲେ ମଧ୍ୟ ସମାଧାନର ରାସ୍ତା ବାହାରି ପାରିନଥିଲା। ସକାଳ ୧୦ଟାରୁ ପୂଜକମାନେ ଭକ୍ତମାନଙ୍କୁ ମନ୍ଦିର ଭିତରକୁ ପ୍ରବେଶ କରିବାକୁ ଅନୁମତି ଦେଇନଥିଲେ। ଏଥିସହ ପୂଜକମାନେ ମନ୍ଦିର ସମ୍ମୁଖରେ ଧାରଣାରେ ବସିଥିଲେ। ବର୍ତ୍ତମାନ ସୁଦ୍ଧା ବସିଛନ୍ତି। ପ୍ରଭୁ ଧବଳେଶ୍ୱରଙ୍କୁ ଦର୍ଶନ କରିନପାରି ହଜାର ହଜାର ଶ୍ରଦ୍ଧାଳୁ ଘଣ୍ଟା ଘଣ୍ଟା ଧରି ଖରାରେ ଲମ୍ବା ଧାଡିରେ ଠିଆ ହୋଇଥିଲେ। ପ୍ରଶାସନ ଓ ପୂଜକ ସମାଜର କଳି ଯୋଗୁ ଏପରି ଅବସ୍ଥା ସୃଷ୍ଟି ହୋଇଥିଲା। ଯାହାକୁ ନେଇ ଶ୍ରଦ୍ଧାଳୁମାନେ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପୂଜକଙ୍କ ଜିଦ୍ ?କୁ ନେଇ କଠୋର ହୋଇଛି ପ୍ରଶାସନ। ଘଣ୍ଟାକ ଭିତରେ ଧବଳେଶ୍ୱର ମନ୍ଦିର ଦ୍ୱାର ଖୋଲିବାକୁ ନୋଟିସ୍ ମାଧ୍ୟମରେ ନିର୍ଦ୍ଦେଶ ଦେଇଛନ୍ତି ଆଠଗଡ଼ ଉପଜିଲ୍ଲାପାଳ। ଦ୍ୱାର ନ ଖୋଲିଲେ ଆଇନ୍ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

ଆଦିବାସୀଙ୍କ ଜମି ...

ଯେ ସମ୍ପୂର୍ଣ୍ଣ ଭୂମିହୀନ ହୋଇଯିବେ ସେ ଆଶଙ୍କାକୁ ବି ଏଡ଼ା ଯାଇ ନପାରେ ବୋଲି ଅଭିଯୋଗ ଉଠିଥିଲା। ଆଦିବାସୀଙ୍କ ଜମିକୁ ଅଣଆଦିବାସୀଙ୍କୁ ବିକ୍ରି କରାଯାଇପାରିବ ବୋଲି କ୍ୟାବ

ଶନିବାର, ନଭେମ୍ବର ୨୫, ୨୦୨୩

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ଆଜି ଏମପିସି କଲେଜରେ ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ

ବାରିପଦା , ୨୪/୧୧ (ନି.ପ୍ର): ସଶକ୍ତ ଯୁବ ଓଡିଶା ଗଠନ ଲକ୍ଷ୍ୟରେ ରାଜ୍ୟ ସରକାର ସମନ୍ୱିତ ଯୁବ ବିକାଶ କାର୍ଯ୍ୟକ୍ରମ ସାରା ରାଜ୍ୟର କଲେଜ ଗୁଡିକରେ ଚଲାଇ ଥିବା ବେଳେ ବାରିପଦାର ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂ ଶାସିତ କଲେଜ ରେ ଏହି କାର୍ଯ୍ୟକ୍ରମ ଆଗାମୀ ନଭେମ୍ବର ୨୫ରୁ ଆରମ୍ଭ ହୋଇ ଡିସେମ୍ବର ୩୧ ମଧ୍ୟରେ ସରିବ ବୋଲି ଆଜି କଲେଜ ସମ୍ମିଳନୀ କକ୍ଷ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରାଯାଇଛି। କ୍ରୀଡା, ସଂସ୍କୃତି ଏବଂ ସମାଜସେବା ତିନୋଟି ବିଭାଗରେ ଏହିକାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବା ବେଳେ ଏଥିରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା ସହ ସେବା ଓ ସଚେତନତା କାର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେବ ବୋଲି କଲେଜର ଅଧ୍ୟକ୍ଷ ପ୍ରଫେସର ମୁକ୍ତିକାନ୍ତ ପଣ୍ଡା ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମ ପ୍ରଚାର ପ୍ରସାର କମିଟିର ଆବାହକ ଡ଼. ଦେବପ୍ରିୟ ପ୍ରିୟଦର୍ଶୀ ଚକ୍ର କାର୍ଯ୍ୟକ୍ରମର ରୂପରେଖ ବାବଦରେ ଆଲୋଚନା କରିଥିବା ବେଳେ, ଜିଲ୍ଲା ନୋଡାଲ ଅଧିକାରୀ ଡ଼. କୈଳାସ ଚନ୍ଦ୍ର ମିଶ୍ର, କଲେଜର କାର୍ଯ୍ୟକ୍ରମ ନୋଡାଲ ଅଧିକାରୀ ଡ଼. ପ୍ରମୋଦ ଚନ୍ଦ୍ର ସାହୁ, କ୍ରୀଡା କମିଟିର ଆବାହକ ଡ଼. ଦୀପକ କୁମାର ବେହେରା, ସଂସ୍କୃତି କମିଟିର ଆବାହକ ରବିନ୍ଦ୍ର ବେହେରା, ସମାଜସେବା କମିଟିର ଆବାହକ ଡ଼. ପ୍ରଣତି ପଟ୍ଟନାୟକ ପ୍ରମୁଖ ସମ୍ମିଳନୀରେ ଯୋଗଦେଇ ନିଜନିଜ ବିଭାଗର କାର୍ଯ୍ୟକ୍ରମ

ବାବଦରେ ସବିଶେଷ ସୂଚନା ଦେଇଥିଲେ। ଶେଷରେ ଡ଼. ଆଶୁତୋଷ ପ୍ରୟାସ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ବିବାହିତା ମହିଳାଙ୍କର ସନ୍ଦେହଜନକ ମୃତ୍ୟୁ: ତଦନ୍ତ ଦାବି

ବସ୍ତା,୨୪।୧୧(ନିପ୍ର): ରୂପସା ଥାନା ଅଧୀନ ନୂଆଗାଁରେ ଜନୈକା ୨୭ ବର୍ଷୀୟା ବିବାହିତା ମହିଳାଙ୍କର ସନ୍ଦେହ ଜନକ ମୃତ୍ୟୁ ହୋଇଥିବା ବେଳେ ଏହାର ତଦନ୍ତ ଦାବି ହୋଇଛି। ସୂଚନାରୁ ପ୍ରକାଶ ଯେ ଏହି ଗାଁର ବିରଞ୍ଚି ପଣ୍ଡାଙ୍କ ପୁଅ ମାନସ ରଞ୍ଜନ ପଣ୍ଡା ୫ବର୍ଷ ତଳେ କେନ୍ଦ୍ରାପଡା ଜିଲ୍ଲା ପାଟକୁରା ଥାନା ଗରଦପୁର ଗାଁର ଦିବାକର ତ୍ରିପାଠୀ ଝିଅ ଶୁଭସ୍ମିତାକୁ ବାହା ହୋଇଥିଲେ। ବାହାଘର ସମୟରେ ପୁଅ ଘର ଦାବି ମୁତାବକ ସମସ୍ତ ଜିନିଷ ତ୍ରିପାଠୀ ପରିବାର ଦେଇଥିଲେ। ମାତ୍ର ଏକ ବାଇକ ପାଇଁ ପଣ୍ଡାଙ୍କ ପରିବାର ପକ୍ଷରୁ ଦାବି କରାଯାଇ ଶୁଭସ୍ମିତାକୁ ନାନା ପ୍ରକାର ନିର୍ଯ୍ୟାତନା ଦିଆଯାଉଥିଲା। ଯୌତୁକ ଜୁଲମ ସହି ନପାରି ସେ ବାପ ଘରକୁ ଯାଇ ଦୁଇ ଦିନ ତଳେ ଫେରିଥିଲେ। ତାଙ୍କର ୪ ବର୍ଷର ପୁଅଟିଏ ଅଛି।ରାତିରେ ଖାଇ ପିଇ ଶୋଇଥିଲେ । ମାତ୍ର ୨୩ ତାରିଖ ସକାଳେ ତାଙ୍କର ମୃତ୍ୟୁ ହୋଇଥିବା ଦେଖିବାକୁ ମିଳିଥିଲା। ଏ ନେଇ ଯୌତୁକ ପାଇଁ ନାନା ଜୁଲମ ଦେଇ ତାକୁ ମାରି ଦିଆଯାଇଛି ବୋଲି ଶୁଭସ୍ମିତାର ପିତା ଦିବାକର ଓ ତାଙ୍କ ପରିବାର ଅଭିଯୋଗ କରିଛନ୍ତି। ପ୍ରକାଶ ଥାଉ କି ତା'ର ସ୍ୱାମୀ ମାନସ ରଞ୍ଜନ ବାଲେଶ୍ୱରରେ ଏକ ଗାଡି ସୋ'ରୁମରେ କାମ କରେ। ଘଟଣା ଦିନ ରାତିରେ ତାଙ୍କ ଦେହ ଅସୁସ୍ଥ କାରଣରୁ ଦେହାନ୍ତ ହୋଇଯାଇଥିବା ପରିବାର ଲୋକେ କହୁଥିବା ବେଳେ ତାଙ୍କୁ ଯୌତୁକ ନିର୍ଯ୍ୟାତନା ଦିଆଯାଇ ମାରି ଦିଆଯାଇଛି ବୋଲି ବାପ ଘର ଲୋକେ ଅଭିଯୋଗ କରିଛନ୍ତି ଏବଂ ଏହାର ତଦନ୍ତ ପୂର୍ବକ ଦୋଷୀ କୁ ଉପଯୁକ୍ତ ଦଣ୍ଡ ଦିଆଯିବାକୁ ଦାବି କରିଛନ୍ତି। ଏନେଇ ରୂପସା ଥାନାରେ ଅଭିଯୋଗ ହୋଇଛି।

ସନ୍ତୋଷପୁରରେ 'ମୋ ସେବା କେନ୍ଦ୍ର' ଉଦ୍ଘାଟିତ

ବସ୍ତା, ୨୪/୧୧ (ନି.ପ୍ର): ଜିଲ୍ଲା ବସ୍ତା ବ୍ଲକ୍ ସନ୍ତୋଷପୁର ପଞ୍ଚାୟତ ର ୬୦ ନମ୍ବର ଜାତୀୟ ରାଜପଥ ର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ନିକଟରେ 'ମୋ ସେବା କେନ୍ଦ୍ର ' ଉଦ୍ଘାଟନ ହୋଇ ଯାଇଛି। ଉଦ୍ଘାଟକ ତଥା ମୁଖ୍ୟ ଅତିଥି ଭାବେ ବସ୍ତା ବିଡ଼ିଓ ମୋହିନୀ କୁମାର ନାୟକ ଯୋଗ ଦେଇଥିବା ବେଳେ, ସମ୍ମାନିତ ଅତିଥି ଭାବେ ମୋ ସେବା କେନ୍ଦ୍ର ର ଜିଲ୍ଲା ସଂଯୋଜକ ଏମ. ଡି. ନଜମୁଲ ହୋଦା କାଦରୀ, ବସ୍ତା ବ୍ଲକର ଜିପିଓ ଅଞ୍ଜନ କୁମାର ପାଣିଗ୍ରାହୀ, ବ୍ଲକ୍ ସ୍ତରୀୟ ନିର୍ବାଚନ ସୁପର ଭାଇଜର ସୁଦୀପ୍ କୁମାର ପ୍ରଧାନ, ସନ୍ତୋଷପୁର ପଞ୍ଚାୟତ ସରପଞ୍ଚ ସଂଗ୍ରାମ କୁମାର ଦାସ ମହାପାତ୍ର, ସମାଜସେବୀ ଧ୍ରୁବ ଚରଣ ନାୟକ, ଅମରନାଥ ମହାପାତ୍ର ପ୍ରମୁଖ ଯୋଗ ଦେଇଥିବା ବେଳେ, ମୀନାରାଣୀ ପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ମୋ ସେବା କେନ୍ଦ୍ର ପ୍ରତିଷ୍ଠା ହେବା ଦ୍ୱାରା ସନ୍ତୋଷପୁର ପଞ୍ଚାୟତ ବାସୀ ସମେତ ଆଖପାଖ ଅଞ୍ଚଳ ବାସୀ ବେସ ଉପକୃତ ହେବେ। ହାତ ପାଆନ୍ତାରେ ଏକ କାଳୀନ ସ୍ୱଳ୍ପ ସମୟରେ ଆଧାର କାର୍ଡ , ଭୋଟର ପରିଚୟ ପତ୍ର, ରାସନ କାର୍ଡ ବ୍ୟାଙ୍କିଂ ସେବା, ବିବାହ ପଞ୍ଜିକରଣ, ପେନସନ ସେବା, ଗାଡ଼ି ଟିକସ, ଗାଡ଼ି ମାଲିକାନା ପରିବର୍ତ୍ତନ, କୃଷି ସେବା, ଡ୍ରାଇଭିଂ ଲାଇସେନ୍ସ ଆବେଦନ, ବିଲ୍ ପେମେଣ୍ଟ, ରିଚାର୍ଜ, ସରକାରୀ ଚାକିରି ଆବେଦନ, ପାନ କାର୍ଡ ଆବେଦନ, ଡିଜିଟାଲ ସାଇନ, ଜିଏସଟି ଭଳି ବହୁ ସରକାରୀ ସେବା ମିଳିପାରିବ । ସରକାରଙ୍କ ଏହି ଲୋକାଭିମୁଖୀ ପଦକ୍ଷେପ ଦ୍ୱାରା ଜନସାଧାରଣ ବିଶେଷ ଭାବେ ଉପକୃତ ହୋଇ ପାରିବେ ବୋଲି ଅତିଥି ମାନେ ମତ ବ୍ୟକ୍ତ କରିଥିଲେ। ଶେଷରେ ମୋ ସେବା କେନ୍ଦ୍ରର ପରିଚାଳକ ପ୍ରସନ୍ନ ପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ।

ଆଜିଠୁ ଜାତୀୟସ୍ତରୀୟ ଆଦିବାସୀ ଉତ୍ସବ ପରବ

ଭୁବନେଶ୍ୱର, ୨୪/୧୧ (ନି.ପ୍ର): ଆସନ୍ତାକାଲି (ଶନିବାର)ଠାରୁ ଆରମ୍ଭ ହେବାକୁ ଯାଉଛି କୋରାପୁଟର ମୁଖ୍ୟ ଉତ୍ସବ ୨୬ତମ ରାଜ୍ୟସ୍ତରୀୟ ମହୋତ୍ସବ 'ପରବ'। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ କୋରାପୁଟ ଜିଲ୍ଲା ସଂସ୍କୃତି ପରିଷଦଙ୍କ ମିଳିତ ଆନୁକୂଲ୍ୟରେ ଏହି ମହୋତ୍ସବ 'ପରବ' ସରକାରୀ ମହାବିଦ୍ୟାଳୟ, ପରିସର ଲାଣ୍ଡିଗୁଡ଼ା ଠାରେ ଚଳିତ ମାସ ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଚାଲିକ। ଏହି ଉତ୍ସବରେ ରାଜ୍ୟ ବାହାରୁ ଏବଂ ରାଜ୍ୟର ବିଶିଷ୍ଟ ଲୋକନୃତ୍ୟ ଦଳ ସେମାନଙ୍କର ଚିତାକର୍ଷକ ନୃତ୍ୟ ଓ ସଂଗୀତ ପରିବେଷଣ କରିବେ। ତତ୍‌ସହିତ ଅବିଭକ୍ତ କୋରାପୁଟ ଜିଲ୍ଲାର ପ୍ରମୁଖ ଲୋକନୃତ୍ୟ ଓ ଜନଜାତି ନୃତ୍ୟ ଦଳ ଏହି ଉତ୍ସବରେ ଅଂଶଗ୍ରହଣ କରି ସେମାନଙ୍କର ନୃତ୍ୟ ପରିବେଷଣ କରିବେ ।

ମହିଳାମାନଙ୍କ ପାଇଁ ଆଇନ୍ ସଚେତନତା ପ୍ରଶିକ୍ଷଣ ଶିବିର

ଭଦ୍ରକ, ୨୪/୧୧ (ନି.ପ୍ର): ସ୍ଥାନୀୟ ପୌର ପରିଷଦ ପ୍ରଶିକ୍ଷଣ ଗୃହ ଠାରେ ସ୍ୱାତୀ ଅନୁଷ୍ଠାନ ପକ୍ଷରୁ ଓ ୟୁଏସ୍ କନ୍‌ସଲଟ୍ ଜେନେରାଲ, ହାଇଦ୍ରାବାଦ୍ ସହାୟତାରେ ମହିଳମାନଙ୍କ ପାଇଁ ଆଇନଗତ ସଚେତନତା ଉପରେ ଦୁଇ ଦିନିଆ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମ ର ଉଦ୍‌ଘାଟନ ସଭାରେ ପୌର ପରିଷଦର ଅଧ୍ୟକ୍ଷା ଗୁଲ୍‌ମକି ଦଲୱାଜୀ ହବିବ୍, ଜିଲ୍ଲା ପ୍ରୋଟେକ୍ସନ ଅଫିସର ଚନ୍ଦ୍ରା ସାହୁ, ଜିଲ୍ଲା ଶିଶୁ ବିକାଶ ଅଧିକାରୀ ରାଜଶ୍ରୀ ଗୋସ୍ୱାମୀ, ଜିଲ୍ଲା ଶିଶୁ କଲ୍ୟାଣ କମିଟି ଅଧିକାରୀ ଦେବରାଜ ପାଣିଗ୍ରାହୀ ଓ ୟୁନିସେଫ୍ ର ଜିଲ୍ଲା ସଂଯୋଜକ ଅସୀମ ଅମିତାଭ ଦାସ ଅଂଶ ଗ୍ରହଣ କରି କିପରି ଏହି କାର୍ଯ୍ୟକ୍ରମଟି ସଫଳ ହୋଇପାରିବ ତାହା ଉପରେ ଆଲୋକପାତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଅଙ୍ଗୱାଡ଼ୀ କର୍ମୀ,

ସୁପରଭାଇଜର, ଆଶା, ୱାନ୍ ଷ୍ଟପ୍ ସେଣ୍ଟର, ଆସିଡ଼ିଏସ୍, ଛାତ୍ର, ଏମ୍.ବି.କେ. ଫେଡ଼େରେସନ୍ ଲିଡ଼ର, ସ୍ୱାଧର ଗୃହ, ଉଜ୍ଜ୍ୱଳା ଗୃହ, ଏନ୍.ଜି.ଓ. କର୍ମୀ ଇତ୍ୟାଦି ଅନୁଷ୍ଠାନର କର୍ମକର୍ତ୍ତା ଅଂଶ ଗ୍ରହଣ କରିଥିଲେ । ତାଲିମ୍‌ଦାତା ଭାବେ ସାଧନା ଫାଉଣ୍ଡେସନ୍‌ର ସମ୍ପାଦିକା ସୁଜାତା ମହାପାତ୍ର ଏବଂ ସତ୍ୟଜିତ ପ୍ରତିହାରୀ, ମହିଳାମାନଙ୍କ ପାଇଁ ଥିବା ବିଭିନ୍ନ ଆଇନ୍ ଯେପରିକି ସାନ୍ନିଧାନିକ ଅଧିକାର, କନ୍ୟା ଭ୍ରୁଣ ହତ୍ୟା, ପୋସ୍କୋ ଆଇନ୍, ବାଲ୍ୟ ବିହାର, ଯୌତୁକ ନିରୋଧ ଆଇନ୍, ଘରୋଇ ହିଂସା ପ୍ରତିରୋଧ ଆଇନ୍, କର୍ମ କ୍ଷେତ୍ରରେ ଯୌନ ନିର୍ଯ୍ୟାତନା ପ୍ରତିରୋଧ ଆଇନ୍ ଓ ବିଭିନ୍ନ ଯୋଜନା, ଆନୁଷ୍ଠାନିକ ବ୍ୟବସ୍ଥା ଆଦି ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମର ଉଦ୍‌ଯାପନୀ ସଭାରେ ଉପଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପଲତା ପାତ୍ର, ପ୍ରୋଟେକ୍ସନ ଅଫିସର ଚନ୍ଦ୍ରା ସାହୁ, ସି.ଡ଼ବ୍ଲୁ.ସି. ଚେୟାରମ୍ୟାନ୍ ଡ଼. ପାଣିଗ୍ରାହୀ ଓ ଦିଶା ସଂଗଠନର ସଭାପତି ସେଖ୍ ମହମ୍ମଦ ନିୟାଜ ଅଂଶ ଗ୍ରହଣକାରୀଙ୍କୁ ଏହି କାର୍ଯ୍ୟକ୍ରମ କିପରି ସଫଳ ହୋଇପାରିବ ତାହା ଉପରେ ଆଲୋକତାପାତ କରିଥିଲେ । ପରିଶେଷରେ ଅଂଶ ଗ୍ରହଣକାରୀମାନଙ୍କୁ ସାର୍ଟିଫିକେଟ୍ ଓ ସହାୟକ ପୁସ୍ତିକା ପ୍ରଦାନ କରାଯାଇଥିଲା ।

ପ୍ରଫେସର ମଣୀନ୍ଦ୍ର ମେହେରଙ୍କ ଗଦ୍ୟ-ସାନ୍ନିଧ୍ୟ ଲୋକାର୍ପିତ

ବାଣୀବିହାର , ୨୪/୧୧ (ନି.ପ୍ର): ସମ୍ପ୍ରତି ଉତ୍କଳ ବିଶ୍ୱବିଦ୍ୟାଳୟ ରେ ଭିଜିଟିଂ ପ୍ରଫେସର ଭାବରେ ଅବସ୍ଥାପିତ ଫକୀରମୋହନ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଭାଷା ଓ ସାହିତ୍ୟ ବିଭାଗର ପ୍ରାକ୍ତନ ବିଭାଗ-ମୁଖ୍ୟ ପ୍ରଫେସର ମଣୀନ୍ଦ୍ର କୁମାର ମେହେରଙ୍କ ନବପ୍ରକାଶିତ ପୁସ୍ତକ ଗଦ୍ୟ ସାନ୍ନିଧ୍ୟ ଗତକାଲି ଉତ୍କଳ ବିଶ୍ୱବିଦ୍ୟାଳୟ ସ୍ନାତକୋତ୍ତର ଓଡ଼ିଆ ବିଭାଗରେ ଉନ୍ମୋଚିତ ହୋଇଯାଇଛି । ଏଥିରେ ଅଲେଖ ମହିମା ଧର୍ମର ସାଧକ ବାବା ରମେଶ ଚନ୍ଦ୍ର ଦାସ, ବିଭାଗର ସଂଯୋଜକ ଡକ୍ଟର ରମେଶ ମଲ୍ଲିକ, ଅଧ୍ୟାପିକା ନିବେଦିତା ଜେନା, ଅଧ୍ୟାପକ ହେମନ୍ତ, ଅଧ୍ୟାପକ ଆନପା ମାର୍ଣ୍ଡି, ବିଭାଗର ଗବେଷକ, ଛାତ୍ରଛାତ୍ରୀ ସମସ୍ତେ ଉପସ୍ଥିତ ଥିଲେ । ପ୍ରଫେସର ମେହେରଙ୍କ ଏହି ନୂତନ ପୁସ୍ତକ ଉନ୍ମୋଚନ ଦ୍ୱାରା ଛାତ୍ରଛାତ୍ରୀ ଙ୍କ ମଧ୍ୟରେ ବିଶେଷ ଉତ୍ସାହ ପ୍ରକାଶ ପାଇଥିଲା । ଏହାକୁ ପ୍ରକାଶ କରିଛନ୍ତି ଓଡ଼ିଶାର ବିଖ୍ୟାତ ପ୍ରକାଶନ ସଂସ୍ଥା କଟକର ଜଗନ୍ନାଥ ରଥ ।

ମାତାଲ ଶିକ୍ଷକ ରାସ୍ତାରେ ଗଡୁଛି: ଗୋଷ୍ଠୀ ଶିକ୍ଷା ଅଧିକାରୀ ଚେଇଁ ସୋଇଛି

ନୀଳଗିରି, ୨୪/୧୧ (ନି.ପ୍ର): ଅଭିଯୋଗ ପରେ ଅଭିଯୋଗ ହୋଇଛି।ବିଗତ ୧ମାସ ହେବ ସ୍କୁଲ ଭିତର ଅବ୍ୟବସ୍ଥାକୁ ନେଇ ବାରମ୍ବାର ଗଣମାଧ୍ୟମ ସଚେତନ ବି କରିଛି । ହେଲେ ଗୋଷ୍ଠୀ ଶିକ୍ଷାଅଧିକାରୀ କେବଳ ପ୍ରଧାନ ଶିକ୍ଷକଙ୍କୁ ସସ୍ପେଣ୍ଡ କରି ନିଶ୍ଚିତ ହୋଇଗଲେ। ବାକି ୩ଜଣ ମଦୁଆ ଶିକ୍ଷକ ଙ୍କ ସହିତ ଦିଦିଙ୍କ ସ୍ୱାମୀଙ୍କର ଦାଦାଗିରି ରେ କିପରି ଅଙ୍କୁଶ ଲାଗିବ ବୋଲି ଅଞ୍ଚଳବାସୀ ଜିଲ୍ଲାପାଳଙ୍କଠାରେ ଜନଶୁଣାଣିରେ ଗୁହାରି ମଧ୍ୟ କରି ସାରିଛନ୍ତି। ହେଲେ ସମସ୍ତ ଅଧିକାରୀ ଏଠି କୁମ୍ଭକର୍ଣ୍ଣ ନିଦ୍ରାରେ ଅଛନ୍ତି ବୋଲି ପ୍ରତୀତ ହେଉଛି। ସୂଚନା ଅନୁଯାୟୀ ଶ୍ୟାମସୁନ୍ଦରପୁର ପଞ୍ଚାୟତ ହାତୀଖୁଲିଆ ୟୁ ଜି ୟୁପି ସ୍କୁଲର ଭାସ୍କର ସେଠୀ ନାମକ ଜଣେ ନିଶାସକ୍ତ ଶିକ୍ଷକ ସ୍କୁଲ ଚାଲୁଥିବା ସମୟରେ ସ୍କୁଲ ନିକଟ ରାସ୍ତାରେ ନିଶାଶକ୍ତ ଅବସ୍ଥାରେ ପଡ଼ି ରହିବା ଛାତ୍ରଛାତ୍ରୀ ଏବଂ ଅଭିଭାବକ ପାଇଁ ଚିନ୍ତାର ବିଷୟ ସହିତ ନିନ୍ଦନୀୟ। ଏହା ବାଲେଶ୍ୱର ଜିଲ୍ଲାର ଶିକ୍ଷା ବ୍ୟବସ୍ଥା ପାଇଁ ଏକ କଳଙ୍କର ଅଧ୍ୟାୟ ସୃଷ୍ଟି କରୁନିକି ବୋଲି ପ୍ରଶ୍ନ କରିଛନ୍ତି ଅଞ୍ଚଳବାସୀ। ଯେଉଁ ଜିଲ୍ଲାର ଶିକ୍ଷାହାର ସର୍ବାଧିକ । ସେଠି ଶିକ୍ଷା ବ୍ୟବସ୍ଥାର ଏପରି ନଗ୍ନଦୃଶ୍ୟ ଦେଖିବାକୁ ମିଳିଛି । ତେଣୁ ଶିକ୍ଷା ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ଏଭଳି ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଭିଭାବକ ଏବଂ ଗ୍ରାମବାସୀ ଦାବୀ କରିଛନ୍ତି।

ଡଃ ସୁନାକର ବେହେରା ଜିଲ୍ଲା ହିଟ୍ ଓ ରନ୍ ଦୁର୍ଘଟଣା ନିରାକରଣ କମିଟିକୁ ମନୋନୀତ

ଜଗତସିଂହପୁର , ୨୪/୧୧ (ନି.ପ୍ର): ସମାଜସେବୀ ଆଡଭୋକେଟ ଡଃ ସୁନାକର ବେହେରା ଜଗତସିଂହପୁର ଜିଲ୍ଲା ହିଟ୍ ଓ ରନ୍ ଦୁର୍ଘଟଣା ନିରାକରଣ କମିଟିକୁ ମନୋନୀତ ହୋଇଛନ୍ତି। କେନ୍ଦ୍ର ସରକାର ଓ ରାଜ୍ୟ ସରକାରଙ୍କ ମିଳିତ ପ୍ରୋତ୍ସାହନରେ ସଡ଼କ ପରିବହନ ବିଭାଗ ଆନୁକୂଲ୍ୟରେ ଗଠିତ ଏହି କମିଟି ସଡକ ଦୁର୍ଘଟଣା ପୀଡ଼ିତ ଜନସାଧାରଣଙ୍କୁ ଉପଯୁକ୍ତ ସେବା ଓ ଭରଣପୋଷଣ ଯୋଗାଇବା ନିମନ୍ତେ ଉଦ୍ଦିଷ୍ଟ। ଏହି କମିଟିରେ ମାନ୍ୟବର ଜିଲ୍ଲାପାଳ ମହୋଦୟା ଅଧ୍ୟକ୍ଷା ତଥା କ୍ଲେମ ସେଟଲେମେଣ୍ଟ କମିଶନର ହୋଇଥିବା ବେଳେ, ନେସନାଲ ଇନ୍ସୁୟରାନ୍ସ କମ୍ପାନୀର ଜଗତସିଂହପୁର ଶାଖା ପରିଚାଳକ

ସମ୍ପାଦକ, ଆଡ଼ଭୋକେଟ ଡଃ ବେହେରାଙ୍କ ବ୍ୟତୀତ ଜଗତସିଂହପୁର ସବଡିଭିଜିନାଲ ଅଫିସର କ୍ଲେମ ଇନକ୍ୱାରୀ ଅଧିକାରୀ, ଡେପୁଟି ସୁପରିଟେଣ୍ଡେଣ୍ଟ ଅଫ ପୋଲିସ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ, ରିଜୋନାଲ ଟ୍ରାନ୍ସପୋର୍ଟ ଅଧିକାରୀ ପ୍ରମୁଖ ସଭ୍ୟ ଅଟନ୍ତି। ପେଶାରେ ଜଣେ ଆଇନଜୀବି କିନ୍ତୁ ନିଶା ଜନସାଧାରଣଙ୍କ ବିଭିନ୍ନ ସେବା ଓ ସମାଜ ମଙ୍ଗଳ କାର୍ଯ୍ୟରେ ନିଜକୁ ପ୍ରତିଷ୍ଠିତ କରାଇ ପାରିଛନ୍ତି ଡଃ ସୁନାକର ବେହେରା। ବର୍ତ୍ତମାନ ଜାତୀୟ ସେଚ୍ଛାସେବୀ ଅନୁଷ୍ଠାନ ମଦର ଟେରେସା ଫାଉଣ୍ଡେସନ (ଦୁର୍ନୀତି ନିବାରଣ ଶାଖା)ର ରାଜ୍ୟ ଅଧ୍ୟକ୍ଷ, ଜାତୀୟ ଖାଉଟି କଲ୍ୟାଣ ପରିଷଦର ଜାତୀୟ ମୁଖପାତ୍ର ସହିତ ରାଜ୍ୟ ସମ୍ପାଦକ,ସବ ଡିଭିଜିନାଲ ଭିଜିଲାନ୍ସ କମିଟି ମେମ୍ବର, ଓଡିଶା ସାମ୍ବାଦିକ ସଂଘ ର ଜିଲ୍ଲା ସଭାପତି, ଶାରଳା ମହାବିଦ୍ୟାଳୟ ରାହାମାର ଗଭର୍ଣ୍ଣିଂ ବଡି ମେମ୍ବର ଓ ଜବାହର ନବୋଦୟ ବିଦ୍ୟାଳୟର ଗଭର୍ଣ୍ଣିଂ ବଡି ସଦସ୍ୟ ଭାବେ କାର୍ଯ୍ୟରତ ଅଟନ୍ତି।

ଫାର୍ମାସିଷ୍ଟଙ୍କ ଦାବି ମାନିଲେ ସରକାର: କେଡର ପୁର୍ନଗଠନ ସହ ଫାର୍ମାସିଷ୍ଟରୁ ଫର୍ମାସୀ ଅଫିସର କଲେ

ବାରିପଦା , ୨୪/୧୧ (ନି.ପ୍ର): ୬୨ତମ ଜାତୀୟ ଫାର୍ମାସିଷ୍ଟ ସପ୍ତାହ ଅବସରରେ ଆଜି ଓଡିଶା ଫାର୍ମାସିଷ୍ଟ ସେବା ସଂଘ ମୟୁରଭଞ୍ଜ ଜିଲ୍ଲା ଶାଖା ତରଫରୁ ସ୍ଥାନୀୟ ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ରାଜ୍ୟ ସଭାପତି ଚିନ୍ମୟ କୁମାର ସିହ୍ନାଙ୍କ ପୌରହିତ୍ୟରେ ଆୟୋଜିତ ସମ୍ମିଳନୀରେ ସରକାରଙ୍କ ତରଫରୁ ଫାର୍ମାସିଷ୍ଟ ସେବା ସଂଘର ଦୁଇ ଗୋଟି ଦାବୀ ଫାର୍ମାସିଷ୍ଟ ପଦବୀର ନାମ ପରିବର୍ତ୍ତନ କରି ଫାର୍ମାସୀ ଅଫିସର କରାଯିବା ଏବଂ କେଡର ପୁର୍ନଗଠନ କରିଥିବାରୁ ମୂଖ୍ୟମନ୍ତ୍ରୀ ବନୀନ ପଟ୍ଟନାୟକଙ୍କୁ ସଂଘ ତରଫରୁ କୃତଜ୍ଞତା ଜ୍ଞାପନ କରାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ରୁପଭାନୁ ମିଶ୍ର, ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସପିଟାଲର ଡିନ ତଥା ପ୍ରିନ୍ସିପାଲ ଡାକ୍ତର ପ୍ରତିଭା ପଣ୍ଡା କାର୍ଯ୍ୟକ୍ରମରେ ଅତିଥୀ ଭାବେ ଯୋଗଦେଇ ନୂତନ ଭାବେ ଫାର୍ମାସିଷ୍ଟ ରୁ ଫାର୍ମାସୀ ଅଫିସର ହୋଇଥିବାରୁ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇବା ସହ ରୋଗୀ ମାନଙ୍କୁ ଭଲ ବ୍ୟବହାର କରିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଜିତ କୁମାର ବେହେରା, ମନୋଜ କୁମାର ଦାସ, ଗଣେଶ୍ୱର ବସା ପ୍ରମୁଖ ଆଲୋଚନାରେ ଭାଗ ନେଇଥିବା ବେଳେ,ଏହି ଅବସର ରେ ଓଡିଶାର ବରିଷ୍ଠ ଫାର୍ମାସିଷ୍ଟ ଗଣେଶ୍ୱର ବସାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଶୋକ କୁମାର ବାରିକ ସ୍ୱାଗତ ଭାଷଣ ଦେଇଥିବା ବେଳେ ରିତାଞ୍ଜଳୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଜିଲ୍ଲା କୋଷାଧ୍ୟକ୍ଷ ଶୁଶାନ୍ତ କୁମାର ବାଗ, ରୂପେନ୍ଦ୍ର ସିଂ, ମାଣିକ ଲାଇ ଘୋଷ, ତପନ କଲିଆ, ଯୁଗ୍ମ ସମ୍ପାଦକ ସାଗର ପଟ୍ଟନାଏକ, ସୀମା ସେଠୀ, ସ୍ୱର୍ଣ୍ଣ ଲକ୍ଷ୍ମୀ ରାଉତ ପ୍ର